ଭାରତୀୟ ନୀତିଶାସ୍ତ୍ରରେ ଅହିଂସା ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି । ପ୍ରାଗ୍‌ଐତିହାସିକ କାଳରୁ ହିଁ ଅହିଂସା ଭାରତୀୟ ସଂସ୍କୃତିର କେନ୍ଦ୍ରବିନ୍ଦୁ ହୋଇ ରହିଆସିଛି । ଅହିଂସା ଏକ ମହାନ୍ ଆଧାତ୍ମିକ ଶକ୍ତି ।

**ଅହିଂସାର ତାତ୍ପର୍ଯ୍ୟ :** କାହାରିକୁ ହତ୍ୟା ବା ବଧ ନ କରିବା ହିଁ ଅହିଂସା ନାମରେ ଖ୍ୟାତ । କିନ୍ତୁ ଅହିଂସା କେବଳ ବଧ ନ କରିବାରେ ସୀମିତ ନୁହେଁ; ଅହିଂସାର ବ୍ୟାପକ ଅର୍ଥ ହେଉଛି କର୍ମରେ, ବଚନରେ ତଥା ଚିନ୍ତାରେ କାହାକୁ କୌଣସି ପ୍ରକାର କଷ୍ଟ ନ ଦେବା । କି କାୟାରେ, କି ମନରେ କି ବାକ୍ୟରେ- କୌଣସିପ୍ରକାରେ କାହାରିକୁ କଷ୍ଟ ନ ଦେବା ହିଁ ଅହିଂସା ।

କାହାରିକୁ କଷ୍ଟ, ପିଡ଼ା ନ ଦେବା ହେଉଛି ଅହିଂସାର କେବଳ ନକାରାତ୍ମକ ରୂପ । ସକାରାତ୍ମକ ରୂପରେ ଏହା ସାର୍ବଭୌମିକ ପ୍ରେମକୁ ବୁଝାଏ । ଅହିଂସା ସଂଯୋଗରେ ମନୁଷ୍ୟର ମାନସିକ ଦୃଷ୍ଟିକୋଣ ଏପରି

> **Wisdom dawns when names and forms vanish.**
> *..... Swami Sivananda Saraswati*

ହୋଇଯାଏ ଯେ, ଘୃଣା ସ୍ୱତଃ ପ୍ରେମରେ ରୂପାନ୍ତରିତ ହୋଇଯାଏ । ଅହିଂସା ହିଁ ପ୍ରକୃତ ବଳିଦାନ; ଅହିଂସା ହିଁ କ୍ଷମା, ଅହିଂସା ହିଁ ଶକ୍ତିରୂପା ଏବଂ ଅହିଂସା ହିଁ ଯଥାର୍ଥ ବଳ ।

**ଅହିଂସାର ସୂକ୍ଷ୍ମ ରୂପ :** କେବଳ ସାଧାରଣ ଲୋକେ ଭାବନ୍ତି ଯେ, କାହାରିକୁ ଶାରୀରିକ କଷ୍ଟ ନ ଦେବାକୁ ଅହିଂସା ବୋଲାଯାଏ । ସତ କହିବାକୁ ଗଲେ, ଏହା ହେଉଛି ଅହିଂସାର ସ୍ଥୂଳରୂପ । ଅନ୍ୟ ପ୍ରତି ଘୃଣା ପ୍ରକଟ କଲେ, ଅକାରଣରେ ଅନ୍ୟ ପ୍ରତି ମନରେ ଅପ୍ରସନ୍ନତା ବା ଦ୍ୱେଷ ଭାବ ରଖିଲେ, ଅନ୍ୟକୁ ମୁହଁ ଛି□ାଡ଼ି କଥା କହିଲେ, ଗାଳି ଦେଲେ, ନିନ୍ଦା କଲେ, ମିଛ କହିଲେ, କାହା ବିରୁଦ୍ଧରେ ଚୁଗୁଲି କଲେ, କାହାର କ୍ଷତି କଲେ, ବଦ୍‌ନାମ କଲେ କିମ୍ବା କାହା ପ୍ରତି ମନରେ ଘୃଣା ଭାବ ପୋଷଣ କଲେ, ଅହିଂସାବ୍ରତ କ୍ଷଣକ ଭିତରେ ଭାଙ୍ଗିଯାଏ ।

କଠୋର ଓ କର୍କଶ କଥା କହିବା ମଧ୍ୟ ହିଂସା । ଭିକାରି, ଋକରବାକର ବା ନିଜଠାରୁ ନୀଚସ୍ତରର ଲୋକଙ୍କୁ ପଦେ କଟୁକଥା କହିଦେବା ମଧ୍ୟ ହିଂସାର ଅନ୍ତର୍ଗତ । ପାଟିତୁଣ୍ଡ କରି, କ୍ରୁର କଥା କହି କିମ୍ବା ଅଭଦ୍ର ଭାବ ଭଙ୍ଗି ଦେଖାଇ ଯଦି କାହାରି ମନରେ କଷ୍ଟ ଦିଆଯାଏ, ତେବେ ତାହା ମଧ୍ୟ ହିଂସା ତଳେ ଗଣାଯିବ । ଅନ୍ୟମାନଙ୍କର ସମକ୍ଷରେ କାହାରିକୁ ଅବଜ୍ଞା କରିବା ବା ଜାଣିଶୁଣି ଅଶିଷ୍ଟତା ଦେଖାଇବାକୁ ଉଚ୍ଛୃଙ୍ଖଳ ହିଂସା ବୋଲାଯାଏ । ଅନ୍ୟର ଅପ୍ରିୟ ଆଚରଣକୁ ସମର୍ଥନ କରିବା ପରୋକ୍ଷ ହିଂସା ସହିତ ସମାନ । ଅନ୍ୟର ଦୁଃଖକଷ୍ଟ ଦୂର କରିବାକୁ ଯଥେଷ୍ଟ ଚେଷ୍ଟା ନ କରିବା, ଅନ୍ୟର ଦୁର୍ଦ୍ଦିନରେ ସହାୟତା ପ୍ରଦର୍ଶନ ନ କରିବା ଏବଂ ଅନ୍ୟର ଦୁଃଖଦୁର୍ଦ୍ଦଶା ପ୍ରତି ଉଦାସୀନତା ପ୍ରଦର୍ଶନ କରିବା ମଧ୍ୟ ଏକ ପ୍ରକାର ହିଂସା । ଏ ପ୍ରକାର ଭୁଲକୁ ପାପ ତଳେ ହିଁ ଗଣାଯିବ । ପ୍ରତ୍ୟକ୍ଷ ହେଉ ବା ପରୋକ୍ଷ ହେଉ, ସକାରାତ୍ମକ ହେଉ ବା ନକାରାତ୍ମକ ହେଉ, ତତ୍କାଳିକ ହେଉ ବା ବିଳମ୍ବିତ ହେଉ- ସକଳ ପ୍ରକାର କଠୋରତାଠାରୁ ଦୂରେଇ ରହିବାକୁ ପଡ଼ିବ । ତେଣୁ ଦିବ୍ୟତ୍ୱଲାଭ ନିମନ୍ତେ ବିଶୁଦ୍ଧ ଅହିଂସା ପାଳନ କରିବା ଆବଶ୍ୟକ । କାରଣ ଅହିଂସା ଓ ଦିବ୍ୟତା ପରସ୍ପରଠାରୁ ଅଭିନ୍ନ ।

**ଅହିଂସା ବଳବାନ୍‌ର ଲକ୍ଷଣ :** ଆପଣ ଯଦି ଅହିଂସାବ୍ରତ ଗ୍ରହଣ କରିବାକୁ ଋହୁଁଛନ୍ତି, ତେବେ ଆପଣଙ୍କ ପାଖରେ ନିନ୍ଦା, ଅପମାନ, ଭର୍ତ୍ସନା, ସମାଲୋଚନା ଏପରି କି ପ୍ରହାର ସହିବାର କ୍ଷମତା ମଧ୍ୟ ରହିଥିବା ଆବଶ୍ୟକ । ଯେତେ ଉ□େଜିତ କଲେ ମଧ୍ୟ ଆପଣଙ୍କ ଭିତରେ ପ୍ରତିଶୋଧ ନେବାର ମନୋଭାବ, ପ୍ରତିକାରର ଭାବନା ଜାଗ୍ରତ ହେବା ଅନୁଚିତ । ମନରେ କାହାରି ପ୍ରତି କୌଣସି ପ୍ରକାରର ଦ୍ୱେଷଭାବକୁ ସ୍ଥାନ ଦେଲେ ଚଳିବ ନାହିଁ । ମନରେ କୌଣସିପପ୍ରକାର କ୍ରୋଧ ରଖିବାକୁ ହେବ ନାହିଁ । କାହାରିକୁ ଧିକ୍‌କାର କରିବାକୁ ହେବ ନାହିଁ । ଆବଶ୍ୟକ ପଡ଼ିଲେ ସତ୍ୟ ପାଇଁ ହସି ହସି ଜୀବନ ଉତ୍ସର୍ଗ କରିବାକୁ ପ୍ରସ୍ତୁତ ରହିବାକୁ ପଡ଼ିବ । କାରଣ କେବଳ ଅହିଂସା ଦ୍ୱାରା ହିଁ ଆପଣ ପରମ ସତ୍ୟରେ ପ୍ରତିଷ୍ଠିତ ହୋଇପାରିବେ ।

**'Be yourself' - this is wisdom.**

*..... Swami Sivananda Saraswati*

ସକଳ ଶୌର୍ଯ୍ୟର ପୂର୍ଣ୍ଣତା ଅହିଂସାରେ ହିଁ ନିହିତ । ନିର୍ଭୀକତା ବିନା ଅହିଂସା ସମ୍ଭବ ନୁହେଁ । ଦୁର୍ବଳ ମନୁଷ୍ୟ ଅହିଂସାବ୍ରତ ପାଳନ କରି ନ ପାରେ । ଯେ ମୃତ୍ୟୁକୁ ଅତ୍ୟନ୍ତ ଭୟକରେ, ଯେ ଅସହିଷ୍ଣୁ ଏବଂ ଯାହାଠାରେ ପ୍ରତିରୋଧ କରିବାର ଶକ୍ତି ନାହିଁ, ସେ ବା କିପରି ଅହିଂସା ବ୍ରତ ଧରିପାରବ ? ଅହିଂସା କୌଣସି ଭୀରୁର କବଚ ନୁହେଁ; ଏହା ହେଉଛି ବୀରର କବଚ । ଅହିଂସା ହେଉଛି ଶୂରବୀରର ଲକ୍ଷଣ; ଏହା ବଳବାନର ଅସ୍ତ୍ର । ଆପଣଙ୍କୁ କେହି ପ୍ରହାର କଲେ ମଧ ଆପଣଙ୍କ ଭିତରେ ପ୍ରତିରୋଧର ଭାବନା ଉଦୟ ହେବା ଉଚିତ ନୁହେଁ; ଆକ୍ରମଣକାରୀ ପ୍ରତି ମନରେ କୌଣସି ପ୍ରକାର ଦୁର୍ଭାବନା ଜାତ ହେବା ଉଚିତ୍ ନୁହେଁ । ଅହିଂସାରେ ହିଁ କ୍ଷମାର ପୂର୍ଣ୍ଣତା ପ୍ରତିଫଳିତ ହୁଏ ।

ପ୍ରାଚୀନକାଳର ମୁନିଋଷିମାନଙ୍କର ଉଦାହରଣକୁ ସର୍ବଦା ସ୍ମରଣ କରନ୍ତୁ । ଯେଉଁ ଶତ୍ରୁମାନେ ଗୀତ ଗୋବିନ୍ଦର କବି ଜୟଦେବଙ୍କର ଦୁଇହାତ କାଟିଦେଲେ, କବି ସେମାନଙ୍କୁ ବହୁମୂଲ୍ୟ ଉପହାରମାନଦେଇ ସେମାନଙ୍କର ମୁକ୍ତିପାଇଁ ପ୍ରଭୁଙ୍କ ନିକଟରେ ଏକାନ୍ତ ପ୍ରାର୍ଥନା କରି ଜଣାଇଥିଲେ, "ହେ ମୋର ପ୍ରଭୁ ! ଆପଣ ତ ଆପଣଙ୍କର ଶତ୍ରୁ ରାବଣ ଓ କଂସକୁ ମୁକ୍ତି ପ୍ରଦାନ କରିଥିଲେ; ବ□ମାନ ମୋ ଶତ୍ରୁମାନଙ୍କୁ ମୁକ୍ତି ନ ଦେବେ କାହିଁକି ?" ସତରେ ସନ୍ଥ ଓ ଜ୍ଞାନୀମାନଙ୍କର ହୃଦୟ ବଡ଼ ବିଶାଳ ।

ପାଓହାରି ବାବା ବାସନ ବସ୍ତାଟି ଧରି ଚୋର ପଛରେ ଧାଇଁଲେ ଏବଂ କହିଲେ, 'ହେ ଚୋର ନାରାୟଣ ! ମୁଁ ଜାଣି ନ ଥିଲି ଯେ, ଆପଣ ମୋ କୁଡ଼ିଆକୁ ଆସିଛନ୍ତି । ଦୟା କରି ଏତକ ଜିନିଷ ଗ୍ରହଣ କରନ୍ତୁ ।' ଚୋର ବିସ୍ମିତ ହୋଇଗଲା । ସେ ତତ୍କ୍ଷଣାତ୍ ଚୋରିବୃ□ ଛାଡ଼ିଦେଇ ପାଓହାରୀ ବାବାଙ୍କର ଶିଷ୍ୟତ୍ୱ ଗ୍ରହଣ କରିନେଲା ।

ଜୟଦେବ ଓ ପାଓହାରୀ ବାବାଙ୍କ ପରି ସନ୍ଥ ପୁରୁଷମାନଙ୍କର ଉଦାହରଣ ସ୍ମରଣ ରଖି ଆପଣଙ୍କୁ ସେହିମାନଙ୍କ ନୀତି ଓ ଆଦର୍ଶ ଅନୁସରଣ କରିବାକୁ ପଡ଼ିବ ।

ଅହିଂସାର କ୍ରମିକ ଅଭ୍ୟାସ : ମନରେ ଘୃଣା ଅଥବା ପ୍ରତିଶୋଧର ଭାବନା ଉଦୟ ହେଲେ, ପ୍ରଥମେ ନିଜର ଶାରୀରିକ ଚେଷ୍ଟା ଓ ବାଣୀକୁ ସଂଯତ କରନ୍ତୁ। କଠୋର ତଥା ଅଶିଷ୍ଟ ବଚନ ପ୍ରୟୋଗ କରନ୍ତୁ ନାହିଁ। କାହାରିକୁ ଦୋଷ ଦିଅନ୍ତୁ ନାହିଁ। କାହାକୁ ମାନସିକ ବା କାୟିକ ଆଘାତ ଦିଅନ୍ତୁ ନାହିଁ। କିଛି କାଳ ଧରି ଏପରି ଅଭ୍ୟାସ କରି ଏଥିରେ ସଫଳ ହୋଇଗଲେ, ଦେଖିବେ, ମନରେ ଉଠୁଥିବା ପ୍ରତିଶୋଧ ଭାବନା ଆଉ ଆତ୍ମପ୍ରକାଶ କରିବାର ସୁଯୋଗ ନ ପାଇ ସ୍ୱତଃ ଧ୍ୱଂସ ପାଇଯିବ। ନିଜର ବଚନ ଓ ଶାରୀରିକ ସଂଯମ ବିନା ଏସବୁ ଭାବନାକୁ ନିବାରଣ କରିବା ପ୍ରଥମେ ପ୍ରଥମେ ଭୀଷଣ କଷ୍ଟକର ହେବ।

ନିଜର ସ୍ଥୂଳଶରୀରଟିକୁ ପ୍ରଥମେ ସଂଯତ କରିବାକୁ ପଡ଼ିବ। ଯଦି କେହି ଆପଣଙ୍କୁ ପ୍ରହାର କରେ,

**The fire of passion burns your soul.**

*..... Swami Sivananda Saraswati*

ତେବେ ବି ଚୁପ୍ ରହିଯାଆନ୍ତୁ। କ୍ରୋଧ ସଂଯମ କରି ଭିତରେ ଚାପି ଦିଅନ୍ତୁ। ଯିଶୁଖ୍ରୀଷ୍ଟଙ୍କର ବାଣୀ ଓ '*ପାର୍ବତୀୟ ଉପଦେଶ*' ଅନୁସରଣ କରନ୍ତୁ ଯଥା: ଯଦି କେହି ଏ ଗାଲରେ ଚଟକଣି ଦେଲେ, ତାକୁ ଆର ଗାଲ ଦେଖାଇ ଦିଅନ୍ତୁ। ଯଦି କେହି ଆପଣଙ୍କର କୋଟ କାଢ଼ିନେଲା, ତାକୁ କୁ□ା କାଢ଼ି ଦେଇଦିଅନ୍ତୁ। ଅବଶ୍ୟ ଏହା କରିବା ପ୍ରଥମେ ପ୍ରଥମେ ବଡ଼ କଠିନ ହେବ। 'ଯେସାକୁ ତେସା, ହାରାମ୍ ଜାତିକୁ କୁରାଢ଼ି ଫଶା' ବୋଲି ଯେଉଁ ପୁରୁଣା ସଂସ୍କାର ରହିଛି, ତାହା ଆପଣଙ୍କୁ ପ୍ରତିଶୋଧ ନେବାଲାଗି ଭୀଷଣଭାବରେ ପ୍ରବ□ାଇବ। କିନ୍ତୁ, ଆପଣଙ୍କୁ ମୁଣ୍ଡ ଥଣ୍ଡା ରଖି ପ୍ରତୀକ୍ଷା କରିବାକୁ ପଡ଼ିବ; ମନନ କରିବାକୁ ପଡ଼ିବ; ଧ୍ୟାନ କରିବାକୁ ପଡ଼ିବ; ବିଚାର କରିବାକୁ ପଡ଼ିବ। ଦେଖିବେ, ମନ ଶାନ୍ତ ହୋଇଯିବ। ଆପଣଙ୍କ ଆଡୁ ପ୍ରତିରୋଧର କୌଣସି ଆଭାସ ନ ପାଇ ଆପଣଙ୍କର ସେହି କ୍ରୋଧୀ ଶତ୍ରୁର ମନ ମଧ୍ୟ ଶାନ୍ତ ହୋଇଯିବ। ବରଂ ଆପଣଙ୍କର ସ୍ଥିର ଅବିଚଳିତ ଋଷିପ୍ରତିମ ରୂପ ଦେଖି ସେ ତ୍ରସ୍ତ-ଚକିତ ହୋଇଯିବ। ଏହା ଫଳରେ ଆପଣଙ୍କର ଆତ୍ମଶକ୍ତି କ୍ରମଶଃ ବିକଶିତ ହୋଇଉଠିବ। ଏହି ଆଦର୍ଶକୁ ସର୍ବଦା ନିଜର ସମ୍ମୁଖରେ ରଖନ୍ତୁ। ପ୍ରଥମେ ପ୍ରଥମେ ଆପଣଙ୍କର ପଦସ୍ଖଳନ ହୋଇଯାଇପାରେ; ତଥାପି ଏହି ସିଦ୍ଧାନ୍ତରେ ଦୃଢ଼ ରହିବାଲାଗି ଅଭ୍ୟାସ କରନ୍ତୁ। ଆପଣଙ୍କର ମନ ଭିତରେ ଅହିଂସା ତଥା ତାହର ଅକଳନୀୟ ଉପକାର ବିଷୟରେ ଏକ ସ୍ପଷ୍ଟଚିତ୍ର ଅଙ୍କିତ ହୋଇ ରହିବା ଆବଶ୍ୟକ।

ଶରୀର ସଂଯମ କରିବା ପରେ ବାଣୀ ସଂଯମ ଅଭ୍ୟାସ କରିବାକୁ ପଡ଼ିବ। 'ଆଜିଠାରୁ ମୁଁ କାହରି ପ୍ରତି କର୍କଶ ବାଣୀ ପ୍ରୟୋଗ କରିବି ନାହିଁ',-ଏପରି ଏକ ଦୃଢ଼ ନିଶ୍ଚୟ କରିନିଅନ୍ତୁ। ଆପଣଙ୍କର ଏହି ଦୃଢ଼ ମନୋରଥ ଶହେଥର ଭାଙ୍ଗିଗଲେ ବି ହତାସ ହୁଅନ୍ତୁ ନାହିଁ। ଧୀରେ ଧୀରେ ଆପଣଙ୍କର ମନୋବଳ ବଢ଼ିଚାଲିବ। ବାକ୍‌ସଂଯମ କରି ମୁହଁ ବନ୍ଦ କରନ୍ତୁ। ମୌନ ଅବଲମ୍ବନ କରନ୍ତୁ। କ୍ଷମାଶୀଳ ହେବାକୁ ଅଭ୍ୟାସ କରନ୍ତୁ, ନିଜ ମନକୁ ବୁଝାଇ କହନ୍ତୁ, 'ସେ ଲୋକର ପିଲାଳିଆ ବୁଦ୍ଧି ଏବେ ବି ଯାଇ ନାହିଁ। ବିଚରା ଅଜ୍ଞାନ; ତେଣୁ ଅପରାଧ କରିପକାଇଲା। ତାକୁ ଏଥରଟା କ୍ଷମା ଦେବା ଠିକ୍ ହେବ। ତାକୁ ଗାଳି ଦେଇ ମୁଁ ବା କି ଲାଭ ପାଇବି ? ମନୁଷ୍ୟମାତ୍ରକେ ଭୂଲ କରନ୍ତି; କ୍ଷମା ଦେବା ସୁଲଭ ଗୁଣ।' ଧୀରେ ଧୀରେ ଅଭିମାନ ଛାଡ଼ିଦିଅନ୍ତୁ। ଅଭିମାନ ହିଁ ମଣିଷର ସକଳ ଦୁଃଖର ମୂଳକାରଣ।

**ଭାଷାନ୍ତର-ସ୍ୱାମୀ ଶ୍ରଦ୍ଧାସ୍ୱରୁପାନନ୍ଦ**

## LOVE ALL

Be kind to all. Serve all. Be generous and tolerant towards all. Serve the Lord in all. See the Lord in the poor. the down-trodden and the oppressed and serve them with Narayan Bhaba. The Lord will be highly pleased with you. You will attain immortality.

***..... Swami Sivananda Saraswati***

# ସଦାସର୍ବଦା ସକାରାତ୍ମକ ହୁଅ

**ସ୍ୱାମୀ ଚିଦାନନ୍ଦ ସରସ୍ୱତୀ**

ଗୁରୁଦେବଙ୍କ ଅନେକ କଥନ ତଥା ଉକ୍ତି ଭିତରୁ ଗୋଟିଏ ପ୍ରିୟ କଥନ, ଯାହାକୁ ସେ ଉଭୟ ତାଙ୍କ ଲେଖାରେ ଲେଖୁଥିଲେ ଏବଂ ତାଙ୍କର ଦିବ୍ୟ ପ୍ରବଚନମାନଙ୍କରେ ଉଦ୍ଧୃତ କରୁଥିଲେ, ତାହା ହେଉଛି, "କେବେହେଲେ ହତାଶ ହୁଅ ନାହିଁ, ଆଦୌ ନିରାଶ ହୁଅ ନାହିଁ ।" ଗୋଟିଏ କବି ଥରେ କହିଥିଲେ, "ଆଶାହିଁ ମଣିଷ ହୃଦୟରେ ସଂଚରର କରେ ନିତ୍ୟତାର କଥା ।" ଆଉ ଜଣେ କବି କହିଲେ, "ଶୋକାକୁଳ ଛନ୍ଦ ଓ ଲୟରେ ମୋତେ କୁହ ନାହିଁ ଯେ ଜୀବନଟା ହେଉଛି ଏକ ରିକ୍ତ, ବ୍ୟର୍ଥ ସ୍ୱପ୍ନ ।" ତୁମେ ଏଠାକୁ ଆସିଛ ମେହନତ କରିବାପାଇଁ, ମେହେନତ କରି ସିଦ୍ଧି ଲାଭ କରିବାପାଇଁ । ପ୍ରୟାସ କର । ମେହେନତ କର । ପୁରୁଷାର୍ଥ ସମ୍ପାଦନକର । "ଭିତରେ ହୃଦୟ, ମଥା ଉପରେ ଭଗବାନ ।" ଦୃଢ଼ ହୁଅ, ବଳବାନ୍ ହୁଅ । ଦୃଢ଼ ସଂକଳ୍ପବଦ୍ଧ ହୁଅ ଏବଂ କାମ କରିଚାଲ । ଯଦି ଏମିତି କର, ତୁମେ ଭଗବାନଙ୍କ ଠାରୁ ସାହାଯ୍ୟ ପାଇବ । ତାହାହିଁ ଅଟେ, "ଭିତରେ ହୃଦୟର ଉତ୍ସାହ ଏବଂ ମଥା ଉପରେ ଭଗବାନ", ଉକ୍ତିର ତାତ୍ପର୍ଯ୍ୟ । ତୁମ ହୃଦୟ ଭିତରେ ଉଚିତ ଦୃଷ୍ଟିକୋଣ ଓ ଉତ୍ସାହ ଅବଧାରଣକର ଏବଂ କାର୍ଯ୍ୟ କରିଚାଲ । ପରିଶ୍ରମକର ଏବଂ ତାପରେ ଆସିବ ଭଗବାନଙ୍କ ସାହାଯ୍ୟ ।

ଜୀବନକୁ ଦୁଇଟି ଉପାୟରେ ଯାପନ କରାଯାଇପାରେ । ଗୋଟିଏ ହେଉଛି, ଶଙ୍କାଶୀଳତା ତଥା ସଂକୋଚପଣ, ବିଶ୍ୱାସହୀନତା, ନକାରାତ୍ମକତା; "ମୁଁ ଭାବୁନାହିଁ, ମୁଁ ଉଠି ପାରିବି ବୋଲି । ଏହା ଅତୀବ କଠିଣ, ମୁଁ ପାରିବି ନାହିଁ ।" ଅନ୍ୟ ଏକ ଉପାୟ ହେଉଛି : "ମୁଁ ପାରିବି । ମୁଁ ପାରିବି କି ନ ପାରିବି, ସେ କଥା କେମିତି କହିବି, ଯେତେ ବେଳେ ମୁଁ ପ୍ରଥମେ ଚେଷ୍ଟା ନ କରିଛି ? ଚେଷ୍ଟା କଲାପରେହିଁ କେବଳ ମୁଁ ପାରିବି କି ନ ପାରିବି, ତାହା ଜାଣି ପାରିବି ।" ତେଣୁ ମୁଁ ପାରିବି ନାହିଁ ବୋଲି ଗୋଟିଏ ପୂର୍ବାନୁମାନ କରିବା ଯୁକ୍ତିଯୁକ୍ତ ନୁହେଁ । ତାହା ଅଯୌକ୍ତିତ । "ପ୍ରଥମେ ମୁଁ ଗୋଟାଏ ନ୍ୟାୟ ସଙ୍ଗତ ଚେଷ୍ଟା କରେଁ । ମୋ ସାମର୍ଥ୍ୟର ଶେଷ ପର୍ଯ୍ୟନ୍ତ ଚେଷ୍ଟା କରେଁ ।" ଏବଂ ଯଦି ତୁମେ ତୁମର ଶେଷ ପର୍ଯ୍ୟନ୍ତ ଚେଷ୍ଟା ଚରିତାର୍ଥ କରି, ତୁମର ଲକ୍ଷ୍ୟ ହାସଲ କରିବା ପାଇଁ ସଫଳ ହେଲ ନାହିଁ, ମୁଁ ତୁମକୁ ଏହି ଆଶ୍ୱସନା ଦେବି ତୁମେ, ବିଫଳ ହୋଇନାହଁ । ସିଦ୍ଧିତଥା ସାଫଲ୍ୟ ମଣ୍ଡିତ ତୁମେ ନ ହୋଇପାର, ତଥାପି ତୁମେ କାମୟାବ୍ ହୋଇଛ । ତୁମେ ଗୋଟିଏ ମଣିଷର କ□ବ୍ୟ ନିଭାଇଛ

ଯେହେତୁ ତୁମେ ନିର୍ମିତ ହୋଇଛ ଭଗବାନଙ୍କ ଗଢ଼ଣରେ, ତୁମେ ନକାରାତ୍ମକତାର ଗୋଟିଏ ଗୋଛା ନୁହଁ । ଭଗବାନ ହେଉଛନ୍ତି ସକଳ ସକାରାତ୍ମକ, ସକଳ ସାର୍ଥକମୟ, ସକଳ ଶୁଭମୟ, ସକଳ କଲ୍ୟାଣମୟ, ସକଳ ସୌନ୍ଦର୍ଯ୍ୟମୟ । ଭଗବାନଙ୍କ ଭିତରେ ନାହିଁ ନକାରାତ୍ମକତା, ଏବଂ ତୁମେ ତିଆରି ହୋଇଛ ତାଙ୍କରି ଦ୍ୱା□ାରେ । ତୁମ ଭିତରେ ଅନ୍ତର୍ନିହିତ ହୋଇରହିଛି ଯାହା କିଛି, ଅଟେ ସକାରାତ୍ମକ ଏବଂ କେବଳ ସକାରାତ୍ମକ । ତୁମେ ତୁମର ଦିବ୍ୟ ସ୍ୱଭାବକୁ ଅଯଥାର୍ଥରେ ପରିଣତ କରିବା ଉଚିତ୍ ନୁହେଁ । ପ୍ରତ୍ୟେକ ପଦକ୍ଷେପରେ,

**With every experience you evolve a little.**

*..... Swami Sivananda Saraswati*

ସକଳ ବିଷୟବସ୍ତୁରେ, ତୁମ ଜୀବନ ତୁମର ଦିବ୍ୟ ସ୍ୱଭାବହିଁ ପ୍ରମାଣିତ କରୁ ।

ତେଣୁ ତାହା ତୁମକୁ ପ୍ରଣୋଦିତ କରିଛି ଯେ, ତୁମ ଜୀବନପ୍ରତି ସଦାସର୍ବଦା ପୋଷଣକର ଓ ଗୋଟିଏ ସକାରାତ୍ମକ ଦୃଷ୍ଟିକୋଣ । ସବୁବେଳେ ସବୁ କଥାକୁ ସକାରାତ୍ମକ ଢ଼ଙ୍ଗରେ ଦେଖ, ନକାରାତ୍ମକ ଦୃଷ୍ଟିରେ ନୁହେଁ । ଜୀବନପ୍ରତି ସକାରାତ୍ମକ ଦୃଷ୍ଟିକୋଣ ନେଇ, ଆଗକୁ ଚାଲିବାକୁ ଆରମ୍ଭକର । ତେବେ ଯାଇଁ, ତୁମ ହୃଦୟ ରହିବ ସେହି ସ୍ଥିତିରେ, ଯାହା କବି ସୂଚାଇ ଦେଇଛନ୍ତି ଏହା କହି, "ଅନ୍ତରରେ ହୃଦୟର ଉତ୍ସାହ ଓ ଉଦ୍ୟମ ଏବଂ ମଥାଉପରେ ଭଗବାନ" ।

ଏବଂ ଏହିପରି ଗୋଟିଏ ହୃଦୟପାଇଁ, ଆମେ ମହାପ୍ରଭୁଙ୍କୁ ଏହାହିଁ ପ୍ରାର୍ଥନା କରିବା ଉଚିତ୍ : "ମୋର ପୂର୍ଣ୍ଣ ଭରସା ତଥା ଆସ୍ଥା ଅଛି ଯେ, ତୁମେହିଁ ହେବ ମୋର ନାୟକ, ଯେ ତୁମର କରୁଣା ହିଁ ହେବ ମୋର ଦୈନନ୍ଦିନ ଜୀବନରେ ଦିଗ୍‌ଦର୍ଶକ ଏବଂ ପଥ ପ୍ରଦର୍ଶନକାରୀ ଆଲୋକ ବ□କା । ତେଣୁ ତୁମେ ସହାୟ ହେଲେ, ରହିବ ନାହିଁ ଏମିତି କିଛି, ଯାହାମୁଁ କରିପାରିବି ନାହିଁ । ହେ ମହାପ୍ରଭୁ ! ତୁମେ ସାହା ହେଲେ ମୋ ପାଇଁ ସବୁ ସମ୍ଭବ । ଏବଂ ତୁମର ସାହାଯ୍ୟ ସ୍ୱୀକୃତ ବୋଲି ମୁଁ ଧରି ନେବି । କାରଣ ତୁମେ କୃପାମୟ, ତୁମେ ପ୍ରେମମୟ ଏବଂ କରୁଣାମୟ । ତୁମେ ତୁମର କୃପାକୁ ନିଷ୍ପାପର ସାଧକଙ୍କ ଉପରେ ଅଜାଡ଼ି ଦେବାପାଇଁ ସଦା ପ୍ରସ୍ତୁତ । ଏ ବିଷୟରେ ସୁନିଶ୍ଚିତ ହୋଇ, ମୁଁ ପ୍ରୟାସ କରିବି, ଏହି ପୂର୍ଣ୍ଣ ଆସ୍ଥା ଘେନି ଯେ ଯେଉଁଠାରେ ମୋର ସାହାଯ୍ୟ ଲୋଡ଼ା, ତୁମେ ତାହା ବଢ଼ାଇଦେବ ।"

ତେଣୁ ଏହି ଦୁଇଟି ମନୋଭାବ, ଜୀବନପ୍ରତି ଗୋଟିଏ ସକାରାତ୍ମକ ଦୃଷ୍ଟି ଓ ଗୋଟିଏ ନକାରାତ୍ମକ ଦୃଷ୍ଟିରୁ, ବସ୍ତୁ ତଥା ବିଷୟ ମାନଙ୍କପ୍ରତି ଗୋଟିଏ ସକାରାତ୍ମକଭାବ ଓ ଗୋଟିଏ ନକାରାତ୍ମକଭାବରୁ, ବିଜ୍ଞସାଧକଟିଏ ସଦାସର୍ବଦା ବାଛି ନିଏ ସକାରାତ୍ମକ ଦୃଷ୍ଟି ତଥା ଭାବକୁ, ଯାହା ଅଟେ ଯଥାର୍ଥ ଦୃଷ୍ଟି- ଗ୍ରହଣ କରେ ନାହିଁ ନକାରାତ୍ମକଭାବ, ଯାହା ଅଟେ ଅଯଥାର୍ଥ ।

ଆଶା ଅଟେ ଏକ ଦିବ୍ୟଗୁଣ । ସଂକଳ୍ପଅଟେ ଏକ ଦିବ୍ୟଗୁଣ । ତାହା ଅଟେ ଶକ୍ତିଙ୍କର ଏକ ଅଭିବ୍ୟକ୍ତି । ତେଣୁ ଏହା ଆମ ନିଜପ୍ରତି ଏବଂ ଭଗବାନଙ୍କ ପ୍ରତି ଏକ କ□ବ୍ୟ ଯେ ଆମେ ସଦାସର୍ବଦା ଆମର ଭିତରଟିକୁ ରଖିବା ଗୋଟିଏ ସକାରାତ୍ମକ ସ୍ଥିତିରେ । ଜୀବନପ୍ରତି, ସକଳ ବିଷୟବସ୍ତୁ ପ୍ରତି ସଦାସର୍ବଦା ଏକ ସକାରତ୍ମକ ଦୃଷ୍ଟିରଖିବା ଆମର କ□ବ୍ୟ । ଆମେ ଜୀବନ ଓ କର୍ମପ୍ରତି ସଦାସର୍ବଦା ସକାରାତ୍ମକ ଭାବ ଓ ଦୃଷ୍ଟିରଖି ଆଗକୁ ବଢ଼ିବାହିଁ ଆମର କ□ବ୍ୟ । ଏହାହିଁ ଅଟେ ଠିକ୍ ତଥା ଉଚିତ୍ ମନୋଭାବ ଏବଂ ଏହାକୁହିଁ ତୁମେ ନିଶ୍ଚିତ ଭାବରେ ପୋଷଣ କରିବ । ଏବଂ ଜୀବନରେ ସଫଳତା ଲାଭ କରିବାରେ ତାହା ସାହାଯ୍ୟ କରିବ ।

ଅନୁବାଦକ-ଓଁ-

**I AM IMMORTAL**

I am neither mind Nor body;
Immortal Self I am.

*..... Swami Sivananda Saraswati*

# ଭଗବତ୍ କୃପା ଓ ମାନୁଷୀ ପ୍ରୟାସ

**ସ୍ୱାମୀ ଚିଦାନନ୍ଦ ସରସ୍ୱତୀ**

ଉଜ୍ଜଳ ଅମର ଆତ୍ମନ୍ ! ପ୍ରିୟ ସାଧକ ଓ ଜିଜ୍ଞାସୁବୃନ୍ଦ ! ଯେଉଁ ପଥ ମନୁଷ୍ୟଙ୍କୁ ଧୀରେ ଧୀରେ ଦୁଃଖର ଅତୀତକୁ ନେଇଯାଏ, ବନ୍ଧନରୁ ମୁକ୍ତି ପ୍ରଦାନ କରେ, ଅସୀମ ଆନନ୍ଦ ଓ ଶାଶ୍ୱତ ସୁଖ ଆଣିଦିଏ ଏବଂ ଦିବ୍ୟ ପରିପୂର୍ଣ୍ଣତାରୂପରେ ମହାନ୍ ଅନୁଭୁତି- ଚିରନ୍ତନ ଅନୁଭୂତି, ନିତ୍ୟ ଅକ୍ଷୟ ଚୈତନ୍ୟ ଅନୁଭୂତି, ନିତ୍ୟ ସ୍ଥିତି, ଦିବ୍ୟ ଚୈତନ୍ୟ ଅନୁଭୂତିର ସ୍ଥିତି, ନିତ୍ୟ ସତ୍-ଚିତ୍-ଆନନ୍ଦ ସ୍ଥିତି ପ୍ରଦାନ କରେ, ଆପଣମାନେ ସେହି ପଥ ଅବଲମ୍ବନ କରିବାର ସୌଭାଗ୍ୟ ଲାଭ କରିଛନ୍ତି ।

ଯେଉଁପଥ ଅଜ୍ଞାନ ଓ ଅନ୍ଧକାରର ସମାପ୍ତି କରିଦିଏ, ଯେଉଁପଥ ସଂଶୟ ଓ ଅନିଶ୍ଚିତତାକୁ ନିଃଶେଷ କରିଦିଏ, ଆପଣମାନେ ସେହି ପଥରେ ପ୍ରବେଶ କରିଛନ୍ତି । ମରାଯାଇଥିବା ଶର ଯେପରି ତୀବ୍ର ବେଗରେ ଏକଲକ୍ଷ୍ୟରେ ତାର ଶରବ୍ୟ ଆଡ଼କୁ ମାଡ଼ିଯାଏ, ଆପଣମାନେ ସେହିପରି ଐକାନ୍ତିକତା, ନିଷ୍କପଟତା ଓ ଅପ୍ରତିହତ ଉଦ୍ୟମ ବଳରେ ଏକଲକ୍ଷ୍ୟ ନେଇ ପରମଲକ୍ଷ୍ୟସ୍ଥଳକୁ ପ୍ରଧାବିତ ହେବାକୁ ଦୃଢ଼ ମନୋବଳ ଧରିବା ଆବଶ୍ୟକ । ଏହା ହିଁ ଆପଣମାନଙ୍କର ପରମ କ□ବ୍ୟ ।

ଦିବ୍ୟ କୃପା ସହିତ ମାନୁଷୀ ପୁରୁଷାର୍ଥ ତାଳ ଦେବା ଆବଶ୍ୟକ,ସମନ୍ୱିତ ହେବା ଆବଶ୍ୟକ; ମାନୁଷୀ ପରୁରୁଷାର୍ଥ ଭଗବତ୍ କୃପାର ଅନୁରୂପକ ହୋଇଯିବା ଆବଶ୍ୟକ । କେବଳ ଦିଆସିଲି କାଠିରୁ ନିଆଁ ବାହାରେ ନାହିଁ, କି ଦିଆସିଲି ପେଡ଼ିରୁ ନିଆଁ ବାହାରେ ନାହିଁ । ଉଭୟେ ସମ୍ମିଳିତ ହୋଇ କାର୍ଯ୍ୟ କଲେ ଉତ୍ପନ୍ନ ହୁଏ ଅଗ୍ନି; ତାହା ଏକ ଦ୍ୱିପାକ୍ଷିକ ପ୍ରକ୍ରିୟା । ଦିବ୍ୟ କୃପା ସବୁକିଛି କରିଦେବ ବୋଲିଭାବି ହାତଗୋଡ଼ ଯୋଡ଼ି ବସିରହିଲେ ଚଳିବ ନାହିଁ, କି 'ମୋ ବାହୁବଳରେ ମୁଁ ସବୁକିଛି କରିପାରେ' ବୋଲି ମୂର୍ଖ ଆସ୍ଫାଳନ କଲେ ଚଳିବ ନାହିଁ ।

ଭଗବତ୍ କୃପା ଓ ମାନୁଷୀ ପୁରୁଷାର୍ଥ ପରସ୍ପର ପରିପୂରକ ଓ ଅନୁରୂପକ । କୌଣସି ଏକ ଚରମ ପରିଣତି ବା ଫଳ ଉତ୍ପନ୍ନ କରିବାକୁ ହେଲେ ଏହି ଉଭୟ, ଏହି ଯମଜକାରଣ ପ୍ରୟାସ କରିବାକୁ ପଡ଼ିବ । ସେ ଦୁହେଁ ଚରମ ପରିଣତି ଉତ୍ପନ୍ନ କରନ୍ତି ବୋଲି କହି ଆମେ ବେଦାନ୍ତ ବାଣୀକୁ ଖଣ୍ଡନ କରୁ ନାହୁଁ । ଆମେ ବେଦାନ୍ତରୁ ଜାଣୁ ଯେ, ଅନ୍ତିମ ପରିଣତି ଉତ୍ପନ୍ନ ହୁଏ ନାହିଁ । ତାହର ଚିରନ୍ତନ ହୋଇ ରହିଥାଏ । ଭକ୍ତ ଯେତେବେଳେ ଭଗବାନଙ୍କୁ ଲାଭ କରନ୍ତି, ସେ ଭଗବାନ୍‌ଙ୍କୁ ଉତ୍ପନ୍ନ କରନ୍ତି ନାହିଁ; ସେ ଭଗବାନ୍‌ଙ୍କୁ ନିର୍ମାଣ କରନ୍ତି ନାହିଁ । ଭଗବାନ୍ ଚିରକାଳ ଅତ୍ରତତ୍ର ସର୍ବତ୍ର ବିଦ୍ୟମାନ୍ । ଭଗବାନ୍ ସର୍ବକାଳରେ ଆପଣଙ୍କ ଅନ୍ତରରେ ବିରାଜମାନ । କିନ୍ତୁ ଭକ୍ତ ଯାହା ଅନୁଭବ କରନ୍ତି, ତାହା ଏହି ନିତ୍ୟସତ୍ୟର ପ୍ରତ୍ୟକ୍ଷ ବିରୋଧ କରେ, ଭଗବାନଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରେ। ଭଗବାନ ସୁଖର ନିଧାନ; ମନୁଷ୍ୟ କ୍ରନ୍ଦନ କରେ । ଭଗବାନ, ଶାନ୍ତିର ସାଗର; ମନୁଷ୍ୟ ଅଶାନ୍ତ,ଅସ୍ଥିର ।

ତେଣୁ ଏଥିରେ ସ୍ୱତଃ ପ୍ରମାଣିତ ହୋଇଯାଉଛି ଯେ, ଭଗବତ୍ ଉପଲବ୍ଧିର ଅଭାବ ହୋଇଥିବାର ସମ୍ଭାବନା ରହିଛି- ଭଗବାନଙ୍କ ଉପସ୍ଥିତିରେ ରହି, ଭଗବାନଙ୍କ ସହିତ ରହି, ଭଗବାନଙ୍କୁ ଅନ୍ତରରେ ଧର

**All good actions have their beginning in good thoughts.**
*..... Swami Sivananda Saraswati*

ି ସକଳ କାର୍ଯ୍ୟ କରୁଥାଇ ମଧ ତାଙ୍କୁ ଅନୁଭବ କରି ନ ପାରିବାର ସମ୍ଭାବନା ରହିଛି ।

ସୁତରାଂ ସେହି ନିତ୍ୟସ୍ଥିତ ପରମସ□ାଙ୍କର, ନିତ୍ୟସ୍ଥିତ ଶାନ୍ତି ଓ ପରମାନନ୍ଦଙ୍କର ଏ ଯେଉଁ ଅନୁଭୂତି ରହିଛି, ଆମେ ନିଜେ ତାହାର ସନ୍ଧାନ ନ ପାଇଲା ପର୍ଯ୍ୟନ୍ତ, କିମ୍ବା ଆମର ନିଜ ଚେତନା ସ୍ତରରେ ତାହା ଉପଲବ୍ଧି କରି ନ ସାରିଲା ପର୍ଯ୍ୟନ୍ତ ତାହା କିଛି ତଥ୍ୟ ଉପରେ ପ୍ରତିଷ୍ଠିତ, ନା କଳ୍ପନାମାତ୍ର, ସେ କଥା ନେଇ ବ୍ୟସ୍ତ ହେବାର କିଛି ନାହିଁ । କୌଣସି ନା କୌଣସି କାରଣରୁ ନିତ୍ୟସ୍ଥିତ ପରମସ□ାଙ୍କୁ ଆମେ ଉପଲବ୍ଧି କରିପାରୁ ନାହୁଁ । କିଛି ଏକ କାରଣ ଆମର ପଥରୋଧ କରୁଛି । ସେହି ପଥରୋଧ କରୁଥିବା କାରଣଟିକୁ ହଟାଇବା ନିମନ୍ତେ ହିଁ ଆତ୍ମପ୍ରଚେଷ୍ଟା ବା ପୁରୁଷାର୍ଥ ଆବଶ୍ୟକ ।

ଗୋଟିଏ ଭୋଜି ଉତ୍ସବ ଚାଲିଛି । ହଜାର ହଜାର ଲୋକ ଉତ୍ସବରେ ମାତିଛନ୍ତି । ନାଚଗୀତ ଚାଲିଛି । ଖୁସିଗପ ଚାଲିଛି । କେତେଜଣ ଖିଆପିଆରେ ଲାଗିଛନ୍ତି । ଏପରି ଏକ ଜୀବନ୍ତ, ଆନନ୍ଦକୋଳାହଳପୂର୍ଣ୍ଣ ଉତ୍ସବ ଭିତରେ ଜଣେ ଲୋକ ଗଭୀର ନିଦରେ ଶୋଇପଡ଼ିଛି । ତାକୁ ଏସବୁ କିଛି ଜଣାପଡୁ ନାହିଁ । ତେଣୁ ତା' ଦୃଷ୍ଟିରେ ଏସବୁ କିଛି ହେଉ ନାହିଁ । ସେ ସ୍ୱପ୍ନ ଦେଖୁଛି ଯେ, ସେ ଯାଇ ଗୋଟିଏ ବଣରେ ଏକୁଟିଆ ବୁଲୁଛି । ତେଣୁ ତା ପାଇଁ ବଣ ହିଁ ଅଛି । ଏ ଭୋଜିଭାତ, ନାଚଗୀତ, ଖୁସିବାସି କିଛି ବୋଲି କିଛି ନାହିଁ । ଅଥଚ ଏସବୁ ଏଠାରେ ରୀତିମତ ଚାଲିଛି । ସେଥିରେ ତିଳେ ବି ମିଛ ନାହିଁ । କିନ୍ତୁ ସେ ଲୋକ ଆଗରେ କିଛି ଏକ ଅବରୋଧ- ତାର ଗଭୀର ନିଦ ରହିଯାଇଛି ବୋଲି ଏସବୁ ସତ୍ୟ, ବାସ୍ତବ ଘଟଣାକୁ ବି ସେ ଅନୁଭବ କରିପାରୁନି । ତାକୁ କେହି ଜଣେ ଉଠାଇଦେବାକୁ, ଚେତା କରାଇଦେବାକୁ ଚେଷ୍ଟା କରିବାକୁ ପଡ଼ିବ । ସେ ଯେଉଁ ଚେଷ୍ଟା, ତାହା ଭୋଜି ଉତ୍ସବକୁ ଉତ୍ପନ୍ନ କରିଦେବାର ଚେଷ୍ଟା ନୁହେଁ, ତାହା ହେଉଛି, ସେହି ନିର୍ଦ୍ଦିଷ୍ଟ ଲୋକଟିର ବାସ୍ତବତା ଅନୁଭୂତି ପଥରେ ଅବରୋଧ ସୃଷ୍ଟି କରିଥିବା, ତାକୁ ଏହି ସତ୍ୟରୁ ବ□ିତ କରି ରଖିଥିବା ତ□ିଟିକୁ ହଟାଇଦେବାର, ଦୂର କରିଦେବାର ଚେଷ୍ଟା ।

କେତେକ କ୍ଷେତ୍ରରେ ଗ୍ରାମୋନ୍ନତିପାଇଁ ସରକାର ଆଗେଇ ଆସନ୍ତି । କିଛିଗୋଟିଏ ଯୋଜନା ପ୍ରସ୍ତୁତ କରାଯାଏ । ଖର୍ଚ୍ଚ ଅଟକଳ କରାଯାଏ । ସରକାର ପ୍ରସ୍ତାବ ଦିଅନ୍ତି, ତାଙ୍କ ଆଡୁ ପଚାଶ ହଜାର ଟଙ୍କା ଅନୁଦାନ ଦିଆଯିବ । କିନ୍ତୁ ଗ୍ରାମ ପକ୍ଷରୁ ମଧ ପଚାଶ ହଜାର ଟଙ୍କା ସାହାଯ୍ୟ ଆସିବା ଦରକାର । ଏପ୍ରକାର ଅନୁଦାନକୁ ମ୍ୟାଚିଙ୍ଗ୍ (ସମତୁଳ) ଅନୁଦାନ ବୋଲାଯାଏ । ଏପରିଭାବରେ ମଣିଷ ଉପଲବ୍ଧି କରିବା ଉଚିତ୍, ମୁଁ ନିକମା ହୋଇ ବସିବିନି । ଅନ୍ୟ କେହି ଲୋକ ସବୁକିଛି କରୁ ବୋଲି ମୋର ଆଶା କରିବା ଅନୁଚିତ । ସୁତରାଂ ଭାରତୀୟ ଆଧ୍ୟାତ୍ମିକ ଜୀବନରେ ଆତ୍ମପ୍ରଚେଷ୍ଟା ବା ପୁରୁଷାର୍ଥକୁ ଏକ ଉଚ୍ଚସ୍ଥାନ ଦିଆଯାଇଛି । ଜୀବନର ପ୍ରଥମ ଅବସ୍ଥାରେ ଗୁରୁଦେବ ଗୋଟିଏ ଗୀତ ଗାଉଥିଲେ । ସାଧନା କର ରେ ପିଲେ, ସାଧନା କର । ପୁରୁଷାର୍ଥ କର ।

ପୁରୁଷାର୍ଥ, ସାଧନା, ଅଭ୍ୟାସ- ଏସବୁ ଏକା କଥା । ଏସବୁ ଏକାନ୍ତ ଆବଶ୍ୟକ । ଭଗବତ୍ ଗୀତାରେ ଭଗବାନ୍ କୃଷ୍ଣ ସ୍ପଷ୍ଟଭାବରେ କହିଦେଇଛନ୍ତି ଯେ, ଯାହା ଅସମ୍ଭବପରି ବୋଧ ହେଉଛି, ତାହା ସମ୍ଭବ ହୋଇଯିବ । ସମ୍ଭବ ହୋଇଯିବ କେବଳ ଅଭ୍ୟାସବଳରେ । ନିଜ ପ୍ରଣୀତ ଯୋଗସୂତ୍ର ଗ୍ରନ୍ଥରେ ମହର୍ଷି ପତଞ୍ଜଳି ବି ନିରବଚ୍ଛିନ୍ନ

**The root of happiness is God.**

*..... Swami Sivananda Saraswati*

ଅଭ୍ୟାସ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ଆପଣଙ୍କ ପାଣିଟାଙ୍କିରେ ଲାଗିଥିବା ଟ୍ୟାପ୍‌ରେ ବା କଳରେ କିଛି ତ୍ରୁଟି ଥିବାରୁ ସବୁବେଳେ ସେଥିରୁ ଥପ୍ ଥପ୍ ହୋଇ ଟୋପା ଟୋପା ପାଣି ଗଳିଚାଲିଛି । ଏପରି ନିରନ୍ତର ଟୋପା ଟୋପା ପାଣି ଗଳିଚାଲିଲେ, ଦେଖିବେ, ତା'ତଳ ମୁଗୁନିପଥରରେ ବି ଧୀରେ ଧୀରେ ଗୋଟିଏ ଗାତ ହୋଇଯିବ । ହାତରେ ଟାଣି କୂଅରୁ ପାଣି କାଢ଼ିବାବେଳେ କୂଅ ଦଉଡ଼ି କୂଅ କାନ୍ଥର ପଥରରେ ଘଷି ହୁଏ । କେତେ ବର୍ଷ ପରେ ଦେଖିବେ ଦଉଡ଼ି ଘଷି ହୋଇ ସେହି ପଥର ଖାଇଯାଇ ପଥର ଧାରରେ ବି ଧୀରେ ଧୀରେ ଗୋଟିଏ ଗାତ ହୋଇଯିବ । ଏସବୁ ହେଉଛି ଧାରାବାହିକ ପ୍ରକ୍ରିୟାର ଫଳ ।

ଜଣେ କବି ଲେଖିଛନ୍ତି ମନୁଷ୍ୟର ନିଜ ଭିତରେ ଥିବା ଆଳସ୍ୟ, ନିଦ୍ରା ଓ ଅନଭିଳାଷ ହିଁ ତାର ଘୋରତମ ଶତ୍ରୁ ଏବଂ ସେହି ଘୋରତମ ଶତ୍ରୁକୁ ପରାହତ କରୁଥିବା ପରମ ଶକ୍ତି ହେଉଛି ଏହି ପୁରୁଷାର୍ଥ- ନିୟମିତ ନିରବଚ୍ଛିନ୍ନ ଉଦ୍ୟମ, ଉଦ୍‌ଯୋଗ ଓ ଅଭ୍ୟାସ । ସାଧନା ଆପଣଙ୍କର ଅଭ୍ୟାସରେ ପରିଣତ ହୋଇଯିବା ଆବଶ୍ୟକ । ପୁଣି ସାଧନା ପ୍ରତ୍ୟହ ବଢ଼ିଚାଲିବା ଆବଶ୍ୟକ । ଚନ୍ଦ୍ରକଳା ଆରମ୍ଭ ହୁଏ ଧାରେମାତ୍ର ରୂପେଲୀ ଆଲୋକ ନେଇ । କିନ୍ତୁ ଧୀରେ ଧୀରେ ବଢ଼ି ବଢ଼ି ତାହା ହୋଇଯାଏ ବିରାଟ ପୂର୍ଣ୍ଣଚନ୍ଦ୍ର । ସେହିପରି ଆପଣଙ୍କର ଜୀବନ ଏକ ପୂର୍ଣ୍ଣଜ୍ୟୋତିରେ ପରିଣତ ହୋଇଯାଇ ଆପଣ 'ନିଜପାଇଁ ହୋଇ ଦିଆଲୀ ଦିହୁଡ଼ି ଅନ୍ୟର ଚଲାପଥେ, ଆଲୁଅ ଟିକିଏ ବିଛାଇ ଦେବାକୁ ଯୋଗ୍ୟ ହେବି ମୁଁ ସତେ !'ର ଅଭିଳାଷ ରଖି, ସେପରି ହୋଇଗଲା ପର୍ଯ୍ୟନ୍ତ ସାଧନା, ଅଭ୍ୟାସ, ପୁରୁଷାର୍ଥ କରି ଚାଲିବାକୁ ପଡ଼ିବ ।

ସୁତରାଂ ପୁରୁଷାର୍ଥକୁ ଆତ୍ମପ୍ରଚେଷ୍ଟାକୁ ଭଗବତ୍ କୃପାର ପରିପୂରକ ଓ ଅନୁପୂରକରୂପେ ବିଚାର କରିବାକୁ ପଡ଼ିବ । ଏବଂ ପୁରୁଷାର୍ଥ ଅହଂକାରକୁ ବୁଝାଏ ନାହିଁ । ଏହା କିଛି ଆତ୍ମମ୍ଭରି ପ୍ରଚେଷ୍ଟା ନୁହେଁ- ଏହା ଅନେକ ଆଗରୁ ବୁଝାସରିଛି । ଭଗବାନ ଯେଉଁ କୃପା ବର୍ଷଣ କରିଛନ୍ତି, ଯେଉଁ ସୁଯୋଗ ସୁବିଧା ପ୍ରଦାନ କରିଛନ୍ତି, ଯେଉଁସବୁ ସ୍ୱସ୍ତି ଓ ଆଶୀର୍ବଚନ କରିଛନ୍ତି, ସେଥିପାଇଁ ପ୍ରତ୍ୟହ ଆମେ ତାଙ୍କୁ ପ୍ରାର୍ଥନା କରୁଛୁ, ଧନ୍ୟବାଦ ଦେଉଛୁ । ଆମେ ଭିକ୍ଷା କରୁଛୁ, 'ପ୍ରଭୁ ! ଆପଣଙ୍କ ଅବଦାନର ମୂଲ୍ୟ ନମ୍ରତାର ସହିତ ଅବଧାରଣ କରିବାକୁ ମୋତେ ଶକ୍ତି ଦିଅନ୍ତୁ। ଆପଣଙ୍କର ଦାନକୁ ନମ୍ରତାର ସହିତ ସଦ୍‌ବ୍ୟବହାର କରିବା ପାଇଁ, ତାର ପ୍ରଯତ୍ନ କରିବାପାଇଁ, ମୋର ପୁରୁଷାର୍ଥ ପାଇଁ ମୋତେ ସାମର୍ଥ୍ୟ ଦିଅନ୍ତୁ ।'

ଭଗବାନଙ୍କ ସଦୟ କରୁଣାର, ଭଗବତ୍ ପ୍ରେମର ଓ ମଙ୍ଗଳ ବିଧାନର ପରିସର ଅନନ୍ତ ବୋଲି ପୂର୍ଣ୍ଣ ଅବରୋଧ କରି, ତାଙ୍କ ପ୍ରତି ନିରନ୍ତର କୃତଜ୍ଞ ରହି ହିଁ ପୁରୁଷାର୍ଥ କରାଯାଏ । ସୁତରାଂ ଅତ୍ୟନ୍ତ ନମ୍ରତାର ସହିତ ମନୁଷ୍ୟ ଦୃଢ଼ନିଶ୍ଚୟ ହୋଇ ପୁରୁଷାର୍ଥ କରିବାକୁ ପଡ଼ିବ । ତା'ହେଲେ ଯାଇ ପୁରୁଷାର୍ଥ କର୍ତ୍ତୃତ୍ୱ- ଅଭିମାନ ସୃଷ୍ଟି କରିପାରିବ ନାହିଁ । ଶରୀରର ସକଳ ଶକ୍ତି ଖଟାଇ, ନିରଳସଭାବରେ, ଦୃଢ଼ନିଷ୍ଠ ହୋଇ, ଦୃଢ଼ ମନୋବଳ ଧରି ଆପଣଙ୍କୁ ପୁରୁଷାର୍ଥରେ ଲାଗିଯିବାକୁ ପଡ଼ିବ; କିନ୍ତୁ ଲାଗିଯିବାକୁ ପଡ଼ିବ ବିନମ୍ରତାର ସହିତ, ସରଳ ହୃଦୟ ହୋଇ, ଏହା ଭଗବାନଙ୍କର କୃପା ବୋଲି ସ୍ୱୀକାର କରି । ପରମେଶ୍ୱର ଆପଣମାନଙ୍କର ମଙ୍ଗଳ କରନ୍ତୁ । ଏହା ହିଁ କାମନା ।

ଅନୁବାଦକ-ଓଁ-

**Dharma is the key to happy life.**

*..... Swami Sivananda Saraswati*

# କର୍ମ ଯୋଗୀଙ୍କର ଯୋଗ୍ୟତା

**ସ୍ୱାମୀ ଶିବାନନ୍ଦ ସରସ୍ୱତୀ**

ଯେ କର୍ମଯୋଗୀ, ସେ କାମ, କ୍ରୋଧ, ଲୋଭ ଓ ଅଂହକାରରୁ ସଂପୂର୍ଣ୍ଣ ମୁକ୍ତ ରହିବା ଆବଶ୍ୟକ । ତାଙ୍କଠାରେ ଏସବୁ ଦୋଷର ଲେଶମାତ୍ର ଥିଲେ ମଧ୍ୟ, ସେ ତାହା ଦୂର କରିବାକୁ ଯତ୍ନଶୀଳ ହେବା ଉଚିତ । ସେ ଇହକାଳରେ ବା ପରକାଳରେ ତାଙ୍କ କର୍ମର ଫଳ ଭୋଗ କରିବାକୁ ଅଭିଳାଷ ରଖିବା ଉଚିତ ନୁହେଁ । ସେ କେବେ ବି ନାମଯଶ ଲାଭ କରିବାକୁ, ଅନ୍ୟମାନଙ୍କ ଠାରୁ ସମର୍ଥନ ଲାଭ କରିବାକୁ, ଗୁଣଗାନ ଶୁଣିବାକୁ, ଜୟଜୟକାର ଶୁଣିବାକୁ ପ୍ରଶଂସା ଲାଭ କରିବାକୁ କିମ୍ବା କୃତଜ୍ଞତାବାଣୀ ଶୁଣିବାକୁ ଆଶା ପୋଷଣ କରିବା ଉଚିତ ନୁହେଁ । ତାଙ୍କର ଚରିତ୍ରରେ କୌଣସି କଳଙ୍କ ରହିବା ଅନୁଚିତ; ସେ ନିଜକୁ ଧୀରେ ଧୀରେ ନିଷ୍କଳଙ୍କ କରିଦେବା ଉଚିତ । ତାଙ୍କୁ ନମ୍ର ହେବାକୁ ପଡ଼ିବ; ସେ ଘୃଣା, ଈର୍ଷା, ରକ୍ଷତା ଆଦି ତ୍ୟାଗ କରିଦେବା ଆବଶ୍ୟକ । ତାଙ୍କର ବଚନ ସର୍ବଦା ମଧୁର ହେବା ଉଚିତ । ଯେ ଗର୍ବୀ ଓ ଈର୍ଷାପର, ଯେ ଅନ୍ୟମାନଙ୍କଠାରୁ ଆଦରସମ୍ମାନ ଆଶା କରେ, ସେ କିପରି ଅନ୍ୟର ସେବା କରିପାରିବ ? କର୍ମଯୋଗୀ ସମ୍ପୂର୍ଣ୍ଣ ନିର୍ଭୀକ ହୋଇଯିବା ଉଚିତ । ଭୟାତୁର ବ୍ୟକ୍ତି କର୍ମଯୋଗ ପାଇଁ ଅଯୋଗ୍ୟ ; ସେପରି ଲୋକ କେବଳ ତା' ଭାର୍ଯ୍ୟାକୁ ସକାଳବେଳା ରୋଷେଇଘରେ ବାସନ ମଜାରେ ଏବଂ ଉପରବେଳା ଲୁଗାକଚାରେ ସାହାଯ୍ୟ କରିବାକୁ ଯୋଗ୍ୟ ।

କର୍ମଯୋଗୀ ଜଣେ ମେଳାପୀ, ପ୍ରେମୀ, ସ୍ନେହଶୀଳ ତଥା ବନ୍ଧୁଭାବାପନ୍ନ ସ୍ୱଭାବର ମନୁଷ୍ୟ ହୋଇଯିବା ଆବଶ୍ୟକ । ସେ ଜାତି, ଧର୍ମ, ଗୋଷ୍ଠୀ ତଥା ରଙ୍ଗ ନିର୍ବିଶେଷରେ ସମସ୍ତଙ୍କ ସହିତ ସଦ୍‌ଭାବ ରଖି ମିଳାମିଶା କରିବା ଉଚିତ । ତାଙ୍କଠାରେ ସମ୍ପୂର୍ଣ୍ଣ ସଂଯୋଜନଶୀଳତା, ଦୟା, କ୍ଷମା ତଥା ବିଶ୍ୱପ୍ରେମ ରହିଥିବା ଆବଶ୍ୟକ । ତାଙ୍କର ହୃଦୟ ସମସ୍ତଙ୍କୁ ବକ୍ଷରେ ଲଗାଇବାକୁ ଅର୍ଥାତ୍ ଉଦାର ହେବାକୁ ପଡ଼ିବ । ତାଙ୍କର ଚି□ ସର୍ବଦା ଶାନ୍ତସନ୍ତୁଳିତ ହୋଇ ରହିବା ଆବଶ୍ୟକ । ତାଙ୍କଠାରେ ଉପସ୍ଥିତବୁଦ୍ଧି ରହିଥିବା ଉଚିତ । ସେ ସମଦୃଷ୍ଟିସମ୍ପନ୍ନ ହେବା ଉଚିତ । ସେ ଅନ୍ୟମାନଙ୍କର ଉନ୍ନତି ଓ ମଙ୍ଗଳରେ ଆନନ୍ଦ ଉପଲବ୍‌ଧି କରିବା ଉଚିତ । ଯେ ଖୁବ୍ ଶୀଘ୍ର ରାଗିଯାଆନ୍ତି ଏବଂ ସାମାନ୍ୟ କଥାରେ ଅପମାନ ବୋଧ କରନ୍ତି, ସେ କର୍ମଯୋଗ ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ । କର୍ମଯୋଗୀ ନିଜର ସକଳ ଇନ୍ଦ୍ରିୟକୁ ସମ୍ପୂର୍ଣ୍ଣରୂପେ ନିଜ ଆୟ□ରେ ରଖିବା ଆବଶ୍ୟକ । ସେ ଅତ୍ୟନ୍ତ ସରଳ ଜୀବନ ଯାପନ କରିବା ଆବଶ୍ୟକ । ସେ ଯଦି ବିଳାସୀ ଜୀବନ ଯାପନ କରନ୍ତି, ସେ ଯଦି ସବୁକିଛି କେବଳ ନିଜ ପାଇଁ ହିଁ ଲୋଡ଼ନ୍ତି, ସେ ନିଜର ଶକ୍ତିସାମର୍ଥ୍ୟ ଓ ଧନଧାନ୍ୟକୁ ଅନ୍ୟର ସେବାରେ କିପରି ଲଗାଇବେ ? ସେ ତାଙ୍କର ସ୍ୱାର୍ଥପରତାକୁ ସମୂଳେ ପୋଡ଼ିପାଉଁଶ କରିଦେବା ଉଚିତ । ଏହି ପରିପେକ୍ଷୀରେ ମୁଁ ଆପଣଙ୍କୁ ଗୀତାର ଆଉ ଗୋଟିଏ ଶ୍ଳୋକ ସ୍ମରଣ କରାଇଦିଏ-

**Identification with the Supreme Spirit is the culmination of human existence.**
*..... Swami Sivananda Saraswati*

ସନ୍ନିୟମ୍ୟେନ୍ଦ୍ରିୟଗ୍ରାମଂ ସର୍ବତ୍ର ସମବୁଦ୍ଧୟଃ ।
ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତହିତେ ରତାଃ ॥ (୧୨/୪)

ଅର୍ଥାତ୍-: ଯେଉଁମାନେ ସକଳ ଇନ୍ଦ୍ରିୟ ସଂଯମ କରି, ସମସ୍ତଙ୍କୁ ସମଦୃଷ୍ଟିରେ ଦେଖି ଅନ୍ୟମାନଙ୍କ ହିତ ଦର୍ଶନରେ ଆନନ୍ଦିତ ହୁଅନ୍ତି, ସେମାନେ ମଧ୍ୟ ମୋତେ ପ୍ରାପ୍ତି କରନ୍ତି।

କର୍ମଯୋଗୀ ଜଣେ ସୁସ୍ଥ, ସବଳ ଓ କର୍ମଠ ବ୍ୟକ୍ତି ହୋଇଥିବା ଆବଶ୍ୟକ। ଯାହାଙ୍କର ଶରୀର ଦୁର୍ବଳ ଓ ବିକଳାଙ୍ଗ, ସେ କିପରି ଅନ୍ୟ ମାନଙ୍କର ସେବା କରିପାରିବେ ? ତେଣୁ କର୍ମଯୋଗୀ ନିଜ ଶରୀରର ବିଶେଷ ଯତ୍ନ ନେବା ଆବଶ୍ୟକ; କିନ୍ତୁ ତା' ସହିତ ତାଙ୍କର ଦେହ ପ୍ରତି ସାମାନ୍ୟମାତ୍ର ଆସକ୍ତି ବା ମୋହ ମଧ୍ୟ ନ ରହିବା ଆବଶ୍ୟକ। ତାଙ୍କ ପାଟିରୁ 'ଏଇଟା ମୋ ଦେହ' ବୋଲି କଦାପି ବାହାରିବା ଉଚିତ ନୁହେଁ। ଦିନ ଆସେ, ଯେତେବେଳେ କି ବିଲୁଆକୁକୁର ଓ ମାଛମାନେ ବି ଏହି ଦେହଟାକୁ 'ଏଇଟା ମୋ ଦେହ' ବୋଲି ଦାବି କରନ୍ତି। ତେଣୁ କର୍ମଯୋଗୀ କୌଣସି ମହତ୍ କାର୍ଯ୍ୟ ନିମନ୍ତେ ନିଜ ଦେହଟାକୁ ବି ପରିତ୍ୟାଗ କରିବାକୁ ପ୍ରସ୍ତୁତ ଥିବା ଆବଶ୍ୟକ। ସୁସ୍ୱାସ୍ଥ୍ୟ ରକ୍ଷା କରିବା ନିମନ୍ତେ କର୍ମଯୋଗୀ ନିୟମିତ ପ୍ରାଣାୟମ, ବ୍ୟାୟାମ ଓ ଆସନ କରିବା ଆବଶ୍ୟକ ଏବଂ ପୋଷକ, ପୃଷ୍ଟିକର ସାରବାନ୍ ଖାଦ୍ୟ ଖାଇବା ଆବଶ୍ୟକ।

କର୍ମଯୋଗୀକୁ ସକଳପ୍ରକାର ଅପମାନ, ଅସମ୍ମାନ, ଅମର୍ଯ୍ୟାଦା, କଟୁବଚନ, ତିରସ୍କାର, ନିନ୍ଦା, ଲଜ୍ଜାକର ବ୍ୟବହାର ତଥା ଶୈତ୍ୟ, ଉ□ାପ ଓ ରୋଗଯନ୍ତ୍ରଣା ସହ୍ୟ କରିବାକୁ ପଡ଼ିବ। ତାଙ୍କୁ ବିଶେଷ ସହନଶୀଳ ହେବାକୁ ପଡ଼ିବ। ତାଙ୍କର ନିଜଠାରେ, ଈଶ୍ୱରଙ୍କଠାରେ, ଶାସ୍ତ୍ରବାଣୀରେ ଏବଂ ଗୁରୁଙ୍କ ବଚନରେ ଗଭୀର ବିଶ୍ୱାସ ରହିଥିବା ଆବଶ୍ୟକ। ଏହିସବୁ ଗୁଣରେ ଭୂଷିତ ବ୍ୟକ୍ତି ହିଁ ଯଥାର୍ଥ କର୍ମଯୋଗୀ ହୋଇପାରନ୍ତି। ଏହିଭଳି ଲୋକ ହିଁ ଯଥାର୍ଥ ଦେଶ ସେବା ତଥା ପୀଡ଼ିତଜନତାର ସେବା କରିପାରିବେ। ଅବଶ୍ୟ ଜଣେ ଆଦର୍ଶ ଅଧିକାରୀ (ଯୋଗ୍ୟ ପୁରୁଷ) ପାଇବା ବଡ଼ କଠିନ । ଆପଣଙ୍କ ଠାରେ ଯଦି ଉଲ୍ଲିଖିତ ଯୋଗ୍ୟତାଗୁଡ଼ିକ ମଧ୍ୟରୁ ଅନ୍ତତଃ କେତୋଟି ଯୋଗ୍ୟତା ଥାଏ, ତେବେ ଆପଣ ନିଷ୍କପଟ ଭାବରେ କର୍ମଯୋଗ କରିଚାଲିଲେ ଅବଶିଷ୍ଟ ଯୋଗ୍ୟତା ଗୁଡ଼ିକ ସ୍ୱତଃ ଧୀରେ ଧୀରେ ବିକଶିତ ହୋଇଯିବ । ମନୁଷ୍ୟ ପ୍ରଥମରୁ ହିଁ ହତୋତ୍ସାହ ହୋଇଯିବା ଅନୁଚିତ । ଭଗବତ୍ ସେବାସ୍ରୋତକୁ ଲମ୍ଫ ଦିଅନ୍ତୁ; ଦେହଜ୍ଞାନ ରଖନ୍ତୁ ନାହିଁ। ପ୍ରେମ ଓ ଶ୍ରଦ୍ଧାର ସହିତ ସେବାକ୍ଷେତ୍ରରେ ଆଗେଇଚାଲନ୍ତୁ। 'ମୁଁ ନିଶ୍ଚୟ ଜଣେ ଯଥାର୍ଥ କର୍ମଯୋଗୀ ହେବି' କହି କର୍ମରେ ମନପ୍ରାଣ ଢ଼ାଳିଦିଅନ୍ତୁ। ଦେଖିବେ, ଆପଣଙ୍କ ଭିତରେ ସକଳ ସଦ୍‌ଗୁଣ ସ୍ୱତଃ ଉଦୟ ହୋଇଯିବ । ଏହି ମୁହୂ□ରୁ ନିରଳସଭାବରେ କର୍ମ ଯୋଗ ଆରମ୍ଭ କରଦିଅନ୍ତୁ । ରାଜା ଜନକ ବା ବୁଦ୍ଧଙ୍କ ପରି ଜଣେ ଆଦର୍ଶ କର୍ମଯୋଗୀ ହୋଇଯାଆନ୍ତୁ । ଭଗବାନ୍ ଆଶୀର୍ବାଦ କରନ୍ତୁ, ଆପଣଙ୍କ ଭିତରେ ଅନ୍ତର୍ବଳ, ବିଶ୍ୱାସ, ସଦ୍‌ଗୁଣ ଏବଂ ସ୍ୱାର୍ଥତ୍ୟାଗର ପ୍ରେରଣା ଜାଗ୍ରତ ହେଉ ।

ଆପଣଙ୍କ ହୃଦୟରେ ଯଦି ଟିକିଏ ଦୟା, ଟିକିଏ ପ୍ରେମ ଓ ସହାନୁଭୂତି ରହିଛି, ତେବେ ସେହିତକ ସମ୍ବଳ

**Any action that takes us Godward is a good action.**
*..... Swami Sivananda Saraswati*

କରି କର୍ମଯୋଗ ଆରମ୍ଭ କରିଦିଅନ୍ତୁ । କର୍ମଯୋଗ କ୍ଷେତ୍ରରେ ପ୍ରବେଶ କରିବାକୁ ବିଳମ୍ବ କରନ୍ତୁ ନାହିଁ; ସେହି କ୍ଷେତ୍ରର ନେତୃସ୍ଥାନୀୟ ବ୍ୟକ୍ତିମାନେ ଆପଣଙ୍କୁ ସାହାଯ୍ୟ କରିବେ । ଅଦୃଶ୍ୟ ହୋଇ ରହିଥିବା ସହାୟକମାନେ, ନିତ୍ୟ ସିଦ୍ଧପୁରୁଷମାନେ ଏବଂ ଅମର ତଥା ଦିବ୍ୟପୁରୁଷମାନେ ଓ ବନ୍ଧୁମାନେ ମଧ୍ୟ ଆପଣଙ୍କୁ ସାହଯ୍ୟ କରିବେ । କିଛିଦିନ ଭିତରେ ଦେଖିବେ, ଆପଣ ଜଣେ ଚମତ୍କାର କର୍ମଯୋଗୀ ହୋଇଗଲେଣି । ଆପଣଙ୍କ ଭିତରେ ନିର୍ଭୀକତା, ନମ୍ରତା ତଥା ଅନ୍ୟାନ୍ୟ ସଦ୍‌ଗୁଣ ସ୍ୱତଃ ଉଦ୍‌ଭାସିତ ହେବ ।

<u>କର୍ମହିଁ ପୂଜା</u> : କର୍ମ ହିଁ ପୂଜା । କର୍ମ ହିଁ ଧ୍ୟାନ । କୌଣସି କ□ାଭାବ ନ ରଖି, କୌଣସି ଫଳାକାଙ୍‌କ୍ଷା ନ ରଖି ଏବଂ କୌଣସି ପ୍ରଶଂସା-ପୁରସ୍କାରର ଆଶା ନ ରଖି ଗଭୀର ପ୍ରେମର ସହିତ ସେବାକାର୍ଯ୍ୟରେ ଲାଗିଯାଆନ୍ତୁ । ଆପଣ ଈଶ୍ୱରସାକ୍ଷାତ୍‌କାର ଲାଭ କରିବେ । ମାନବ ସେବା ହିଁ ମାଧବ ସେବା ।

ଅହଂକାର ଓ ଆସକ୍ତି ନ ରଖି କର୍ମକଲେ ତାହା ଉନ୍ନତିପ୍ରଦାନ କରେ । ଯଦି ଆପଣ ଜଣେ ଭକ୍ତ ହୋଇଥାନ୍ତି, ତେବେ ଭାବନ୍ତୁ ଯେ, ଆପଣ ହେଉଛନ୍ତି ଭଗବାନଙ୍କ ହାତରେ ନିମି□ମାତ୍ର- ଅସ୍ତ୍ରଟିଏମାତ୍ର । ଯଦି ଜ୍ଞାନମାର୍ଗର ସାଧକ ହୋଇଥାନ୍ତି, ତେବେ ଭାବନ୍ତୁ ଯେ, ଆପଣ ମୌନୀ ସାକ୍ଷୀ ଓ ଯାହାକିଛି ହେଉଛି, ସବୁ ପ୍ରକୃତି ହିଁ କରୁଛି । ସକଳ କର୍ମ ପବିତ୍ର । କର୍ମଯୋଗ ଦୃଷ୍ଟିରୁ, ଶ୍ରେଷ୍ଠତମ ଦୃଷ୍ଟିକୋଣରୁ ବିଚାର କଲେ, ହୀନ କର୍ମ ବୋଲି କିଛି ନାହିଁ । ଉଲ୍ଲିଖିତ ମନୋଭାବର ସହିତ କଲେ ପାଇଖାନା ସଫା କରିବା ମଧ୍ୟ ଯୋଗ-କର୍ମ ହୋଇଯାଏ ଓ ତାହା ଈଶ୍ୱରସାକ୍ଷାତ୍‌କାର ପ୍ରଦାନ କରେ ।

ସ୍ୱାର୍ଥପରତା ହିଁ ଆପଣଙ୍କ ହୃଦୟକୁ ଦୟନୀୟଭାବରେ ସଂକୀର୍ଣ୍ଣ କରିଦେଇଛି । ସ୍ୱାର୍ଥପରତା ହେଉଛି ମନୁଷ୍ୟ ଜୀବନ ପକ୍ଷରେ ଏକ ମାରାତ୍ମକ ବିଷୟ । ସ୍ୱାର୍ଥପରତା ବୁଦ୍ଧିକୁ ଆଚ୍ଛାଦିତ କରିଦିଏ । ସ୍ୱାର୍ଥପରତା ହେଉଛି ହୀନମନାର ସ୍ୱଭାବ । ଭୋଗ ସ୍ୱାର୍ଥପରତା କୁ, ସ୍ୱାର୍ଥ ପ୍ରବୃ□କୁ ବିଶେଷ ରୂପେ ବଢ଼ାଇଦିଏ । ସ୍ୱାର୍ଥପରତା ହିଁ ମନୁଷ୍ୟର ସବୁ ଦୁଃଖ ଦୁର୍ଦ୍ଦଶାର ମୂଳ କାରଣ । ନିଃସ୍ୱାର୍ଥସେବା ଆରମ୍ଭ କରିବା ଦିନୁହିଁ ପ୍ରକୃତ ଆଧ୍ୟାତ୍ମିକ ପ୍ରଗତି ଆରମ୍ଭ ହୁଏ ।

ଭାବ, ପ୍ରେମ ଓ ଭକ୍ତିର ସହିତ ସାଧୁ, ସନ୍ଥ, ସନ୍ୟାସୀ, ଭକ୍ତ, ଗରିବ ଓ ରୁଗ୍‌ଣ ମାନଙ୍କର ସେବା କର । ଭଗବାନ୍ ସମସ୍ତଙ୍କର ହୃଦୟରେ ନିବାସ କରୁଛନ୍ତି । ଗୀତା କହନ୍ତି,-

ଈଶ୍ୱରଃ ସର୍ବ ଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି ।

ଭ୍ରାମୟାନ୍ ସର୍ବଭୂତାନି ଯନ୍ତ୍ରାରୂଢ଼ାନି ମାୟୟା ॥ ୬୧ ॥ (ଗୀତା-୧୮/୬୧)

ଅର୍ଥାତ୍, "ହେ ଅର୍ଜୁନ ! ଭଗବାନ୍ ସକଳ ଜୀବଙ୍କ ହୃଦୟରେ ନିବାସ କରନ୍ତି ଏବଂ ନିଜ ମାୟା ଶକ୍ତି

**Jnana is the vision of Truth.**

*..... Swami Sivananda Saraswati*

ବଳରେ ସମସ୍ତଙ୍କୁ କୁମ୍ଭାର ଚକରେ ବୁଲାଇଲା ପରି ବୁଲାଇ ଚାଲିଛନ୍ତି ।”

ସେବାର ମାଦକତା ଆପଣଙ୍କର ଅସ୍ଥିମଜ୍ଜାଗତ, ପେଶୀସ୍ନାୟୁଗତ ହୋଇଯିବା ଆବଶ୍ୟକ । ସେବାରୁ ଯେଉଁ ଉପକାର ମିଳିବ, ତାହାର ତ ମୂଲ୍ୟାୟନ କରାଯାଇପାରିବ ନାହିଁ । ସେବା କ୍ଷେତ୍ରକୁ ବିଶ୍ୱବ୍ୟାପକ କରି ପ୍ରସାରିତ କରି ଦିଅନ୍ତୁ ଏବଂ ଅସିମ ଆନନ୍ଦ ଲାଭ କରନ୍ତୁ । ଖାଲି ବଡ଼ ବଡ଼ କଥା କହି, ଆସ୍ଫାଳନ କଲେ ଚଳିବନି । କର୍ମ କରିବାର ପ୍ରକୃତ ଉତ୍ସାହ ଓ ଉତ୍କଣ୍ଠା ପ୍ରଦର୍ଶନ କରନ୍ତୁ । ସେବା କରିବାରେ ବ୍ୟଗ୍ରତା ପ୍ରକାଶ କରନ୍ତୁ ।

ବହୁରୂପୀ ଯେପରି ତାର ପୁରୁଷ ପଣିଆରେ ନିଷ୍ଠା ଓ ସ୍ତ୍ରୀ- ଅଭିନୟରେ ଚେଷ୍ଟା ରଖିଥାଏ, ଆପଣ ସେହିପରି ଭଗବାନଙ୍କଠାରେ ନିଷ୍ଠାରଖନ୍ତୁ ଓ ହାତ ଦୁଇଟିକୁ କର୍ମରେ ଲଗାଇବାରେ ଚେଷ୍ଟା କରିଚାଲନ୍ତୁ । ଧୀରେ ଧୀରେ ଅଭ୍ୟାସ କରି ଚାଲିଲେ ଆପଣ ଏକ ସମୟରେ ଦୁଇଟି କର୍ମ କରିପାରିବେ । କର୍ମକରିଚାଲିଥିବାବେଳେ ନାମ ମଧ୍ୟ ଜପ କରିଚାଲନ୍ତୁ । କର୍ମ ଯୋଗକୁ ସାଧାରଣତଃ ଭକ୍ତି ଯୋଗ ସହିତ ସନ୍ନିହିତ କରାଯାଏ । କର୍ମଯୋଗୀ ତାଙ୍କର କର୍ମେନ୍ଦ୍ରିୟମାନଙ୍କ ଦ୍ୱାରା ଯାହାକିଛି କରନ୍ତି, ତାହା ଈଶ୍ୱରଙ୍କୁ ଅର୍ପଣ କରିଦିଅନ୍ତି ।

କର୍ମଯୋଗୀ ତାଙ୍କର କର୍ମ ପ୍ରତିଦାନରେ ସେବା ପାଉଥିବା ଲୋକଠାରୁ ଟିକିଏ ପ୍ରେମ ବା ପ୍ରଶଂସା ବା ଟିକିଏ କୃତଜ୍ଞତା ମଧ୍ୟ ଆଶା କରନ୍ତି ନାହିଁ ।

ଭାଷାନ୍ତର- ସ୍ୱାମୀ ଶ୍ରଦ୍ଧାସ୍ୱରୂପାନନ୍ଦ

## हृदय की चोरी

श्री कृष्ण का वर्णन माखन-चोर के रूप में किया गया है । यह इसलिए कि गोपियों से उन्हें अपार प्रेम था और इसी कारण उनके घरों में जा कर माखन चुरा कर खाते थे । वास्तव में वे अपने भक्तों के मन में जो कुविचार हैं; उन्हें चुराते हैं और वहाँ दिव्य विचार भर देते हैं । गोपियों को यह बहुत अच्छा लगता था । वे इसी प्रतीक्षा में रहती थी कि कब कृष्ण आयेंगे और मक्खन खायेंगे । यह मक्खन चुराना तो उनके बाल्यकाल की लीला थी और इससे वे अपनी भक्त गोपियों के हृदय में प्रकाश भर देते थे। वे वास्तव में उनके मन और हृदय को चुरा कर इस संसार को भुला देते थे और अपने चरण-कमलों की ओर आकर्षित कर लेते थे तथा उन्हें अखण्ड शान्ति और आनन्द का उपभोग करने देते थे । जब भक्त भगवान् के सामने कहते हैं कि **“दासोऽहम्”** (मैं आपका दास हुँ), तब वह उसमें से **“दा”** अक्षर चुरा लेते हैं और उन्हे **“सोऽहम्”** का अनुभव करा देते हैं जो कि वेदान्त का एक महान् सिद्धांत हैं अर्थात् उस परमात्मा के साथ एक-रूपता का भान करा देते हैं। भगवान् कृष्ण गीता में कहते हैं **“ददामि बुद्धियोगं तम्”**- मैं उन भक्तों को विबेक का योग प्रदान करता हूँ (१०/१०)। श्री कृष्ण कितने दयालु हैं ! उनकी और उनके नाम कि जय हो !

**-स्वामी शिवानन्द सरस्वती**

# ପରଦୋଷ ଦର୍ଶନ ମନୋବୃ□ର ସଦୁପଯୋଗ ଓ ଦୁରୁପଯୋଗ

**ସ୍ୱାମୀ ଶିବାନନ୍ଦ ସରସ୍ୱତୀ**

କୌଣସି ମହାତ୍ମାଙ୍କ ସମ୍ମୁଖିନ ହେବାପାଇଁ ଏହି ଦୁଇଟି ହିଁ ପ୍ରଣାଳୀ । ଯୁଧିଷ୍ଠିରଙ୍କ ପ୍ରଣାଳୀ ହେଲା ଅନ୍ତର୍ମୁଖୀ ହେବା । ଏହାହିଁ ପ୍ରକୃତ ସାଧକଙ୍କର ମନୋବୃ□ । ଏଥିରେ ସେ ନିଜର ଦୋଷ ଦର୍ଶନ କରିବାକୁ ଚେଷ୍ଟା କରନ୍ତି । ସେ ତାଙ୍କର ପରଦୋଷଦର୍ଶନରୂପକ ଦୃଷ୍ଟିକୁ ଅନ୍ୟ ଉପରେ ପକାନ୍ତି ନାହିଁ । ପରଦୋଷଦର୍ଶନରୂପକ ଏହି ଦୁର୍ଗୁଣ ମଣିଷ ପ୍ରକୃତିର ସବୁଠାରୁ ବଡ଼ ମନ୍ଦ ଅଭ୍ୟାସ । ଅଳ୍ପବହୁତେ ଏହା ସବୁ ମଣିଷଙ୍କ ଠାରେ ରହିଛି । ଏହା ସାର୍ବଜନୀନ ।

ଏହା ସତ୍ୱେ ସାଧକମାନେ ଏକ ବିଶେଷ ଧରଣର ମଣିଷ । ସେମାନେ ନିଜର ଦୋଷ ଖୋଜିବାରେ ବ୍ୟସ୍ତ ରହନ୍ତି । ସେମାନଙ୍କର ଲକ୍ଷ୍ୟ ହୋଇଥାଏ, ନିଜର ଦୋଷଦୁର୍ଗୁଣ ବାଛି ତାହା ସଂଶୋଧନ କରିବା । ଜଗତ୍ କ'ଣ ହେଲା, ସେଥିରେ ସେମାନଙ୍କର ଯାଏଆସେ ନାହିଁ । କାରଣ ଜଗତର ଦୋଷ ବାଛି ସୁଧାରିବାକୁ ଚେଷ୍ଟା କଲେ ମଣିଷର ହଜାର ହଜାର ଜନ୍ମ ଲାଗି ମଧ୍ୟ ତାହା କରିପାରିବ ନାହିଁ ।

ଜଣେ ଦୋଷଦ୍ରଷ୍ଟା ପାଇଁ ଜଗତ ଦୋଷରେ ପରିପୂର୍ଣ୍ଣ । କେବଳ ଈଶ୍ୱର କିମ୍ବା ପରଂବ୍ରହ୍ମହିଁ ଦୋଷଶୂନ୍ୟ । ଦୋଷଶୂନ୍ୟ ହେବା ପ୍ରକୃତିର କର୍ମ ନୁହେଁ । ପ୍ରକୃତି ହେଉଛି ବ୍ରହ୍ମର ଠିକ୍ ଓଲଟା ତ□ । ଯଦି ବ୍ରହ୍ମକୁ ଜ୍ଞାନ ବୋଲି କୁହାଯିବ, ତେବେ ସମଗ୍ର ପ୍ରକୃତି ଅଜ୍ଞାନ । ବ୍ରହ୍ମ ଯଦି ଆଲୋକ, ପ୍ରକୃତି ହେଉଛି ଘୋର ଅନ୍ଧକାର । ପ୍ରକୃତି ଅପୂର୍ଣ୍ଣ, ଦୋଷମୟ । ତେଣୁ ଦୋଷ ବାଛିବାରେ ଲାଗିରହିଲେ ଆମର ହଜାର ହଜାର ଜନ୍ମ ମଧ୍ୟ ଏଥିପାଇଁ ଯଥେଷ୍ଟ ହେବ ନାହିଁ । ତେଣୁ ଏହି ମନୋବୃ□କୁ ନିଜ ଆଡ଼କୁ ମୁହାଁଇବାକୁ ହେବ । ତାହାହେଲେ ଯାଇଁ ନିଜର ପରିବ□ନ ସମ୍ଭବ । ଉନ୍ନତିର ଅନନ୍ତ ଭଣ୍ଡାର ଖୋଲିଯିବ ଏବଂ ପ୍ରଗତିର ପଥ ଉନ୍ମୁକ୍ତ ହୋଇଯିବ । ପକ୍ଷାନ୍ତରରେ ଦୋଷଦର୍ଶନ-ମନୋବୃ□ ଯଦି ଅନ୍ୟ ଉପରେ ପ୍ରୟୋଗ କରାଯାଏ, ତେବେ ସବୁଦୋଷର ପ୍ରତିଛବି ଆପଣଙ୍କ ନିଜର ଉପରେ ପଡ଼ିବ । ସେସବୁ ଦୋଷକୁ ବାରମ୍ବାର ଚିନ୍ତନମନନ କରିବା ଦ୍ୱାରା ସେସବୁ ଆପଣଙ୍କର ମନମସ୍ତିଷ୍କରେ ସଂସ୍କାରରୂପେ ବସା ବାନ୍ଧିବା ଆରମ୍ଭ କରିଦେବେ । କାରଣ ଆପଣ ଯାହା ଦେଖନ୍ତି, ଶୁଣନ୍ତି ଓ ଯେପରି ଭାବନା କରନ୍ତି, ଆପଣଙ୍କର ବ୍ୟକ୍ତିତ୍ୱ ସେହିପରି ହୋଇଯାଏ । ଏହା ଏକ ମନସ୍ତା□କ 'ତଥ୍ୟ' । ଆପଣ ଯଦି ସଦାସର୍ବଦା ନିର୍ଦ୍ଦୋଷତା, ସୌନ୍ଦର୍ଯ୍ୟ ଓ ସୁଖଶାନ୍ତିର ଭାବନା କରିଚାଲିବେ, ତେବେ ଆପଣ ଧୀରେ ଧୀରେ ନିର୍ଦ୍ଦୋଷ, ସୁନ୍ଦର ତଥା ଶାନ୍ତିପ୍ରିୟ ହୋଇଯିବେ । ତା' ନ କରି ଯଦି ଆପଣ ଦୋଷଦୁର୍ଗୁଣ ବିଭତ୍ସତା କିମ୍ବା ହତାଶା ଓ ନିରାଶାର ଦୃଷ୍ଟି ରଖି ତଦନୁରୂପ ଚିନ୍ତନମନନ କରି ଚାଲିଥିବେ, ତେବେ ଏ ଜଗତର ସମସ୍ତ ବସ୍ତୁ ଅବିକଳ ସେହି ରୂପରେ ଆପଣଙ୍କୁ ଦେଖାଦେଉଥିବ ।

ଆପଣ ଯଦି ହିମାଳୟର ଅସହ୍ୟଶୀତ କଥା ଭାବିଚାଲିଥିବେ, ତେବେ ଆପଣଙ୍କ ଆଖିରେ ଆଉ ବରଫାବୃ□ ଶୃଙ୍ଗର ଅପରୂପ ସୌନ୍ଦର୍ଯ୍ୟ ପଡ଼ିପାରିବ ନାହିଁ । ଆପଣ ଯଦି ପୂର୍ଣ୍ଣମୀର ଚନ୍ଦ୍ର ଦେଖି ସୁଦ୍ଧା ଅମାବାସ୍ୟା ଚନ୍ଦ୍ରର

**Enter the kingdom of the Lord through the gate of sacrifice.**

*..... Swami Sivananda Saraswati*

ଅନ୍ଧକାର କଥା ଭାବିଚଲିଥିବେ, ତେବେ ଆପଣଙ୍କୁ ଅନ୍ଧକାର ହିଁ ଦେଖାଯିବ; ପରଦୋଷଦର୍ଶନ ମନୋବୃ□ ଯୋଗମାର୍ଗରେ ଏକ ବିରାଟ ପ୍ରତିବନ୍ଧକ । ଏ ପ୍ରକାର ମନୋବୃ□ ସାଧକକୁ ତାଙ୍କ ନିମ୍ନ ପ୍ରକୃତିର ବଶବ□ୀ କରିଦିଏ । ତାଙ୍କର ମନ ମସ୍ତିଷ୍କକୁ ଇନ୍ଦ୍ରିୟପରାୟଣତାର ନୀଚ୍ଚସ୍ତରକୁ ଖସାଇଦିଏ । ଏପ୍ରକାର ମନୋବୃ□ିର ଅଧିନସ୍ଥ ହୋଇଯାଇଥିବା ସାଧକ ଗୁରୁଙ୍କ ପାଖକୁ ଗଲେସୁଦ୍ଧା, ଯୋଗମାର୍ଗରେ ଚଲିଲେ ସୁଦ୍ଧା କିମ୍ବା ଆଧ୍ୟାତ୍ମିକ ପଥର ପଥିକ ହେଲେ ସୁଦ୍ଧା କିଛି ଲାଭ ପାଆନ୍ତି ନାହିଁ । ଆଲୋକ ପରିବେ□ ଅନ୍ଧକାରର, ଜ୍ଞାନ ପରିବେ□ ଅଜ୍ଞାନର, ମୁକ୍ତ ପରିବେ□ ଇନ୍ଦ୍ରିୟପରାୟଣତାର ବଶବ□ୀ ହୋଇ ସେ ତାଙ୍କର ନିମ୍ନପ୍ରକୃତିର ବନ୍ଧନର ବାହାରକୁ ଆସିପାରନ୍ତି ନାହିଁ । ତା' ଫଳରେ କ'ଣ ହୁଏ ଜାଣିଛନ୍ତି ? ତାଙ୍କ ହୃଦୟରେ ଦୋଷ ଦୃଷ୍ଟିରୂପକ ଅଚ୍ଛେଦ୍ୟ ଆବରଣ ରହିଯାଇଥିବାରୁ ଗୁରୁପ୍ରଦ□ ଜ୍ଞାନାଲୋକ କିମ୍ବା ଯୋଗର ଆଲୋକ ତାଙ୍କ ହୃଦୟ ଭିତରକୁ ପ୍ରବେଶ କରିପାରେ ନାହିଁ । ତେଣୁ ଏହି ଘୋର ବିପଦରୁ ଉଦ୍ଧାର କରିବାପାଇଁ ଆମର ପୂର୍ବପୁରୁଷମାନେ ଉପଦେଶ ଦେଇ କହିଛନ୍ତି- "*ଯସ୍ୟଦେବେ ପରାଭକ୍ତି ଯଥା ଦେବେ ତଥା ଗୁରୌ । ତସ୍ୟୈତେ କଥିତା ହ୍ୟର୍ଥାଃ ପ୍ରକାଶନ୍ତେ ମହାତ୍ମନଃ ॥*" ଯେଉଁ ମହାନ୍ ଆତ୍ମାଙ୍କ ଠାରେ ଈଶ୍ୱରଙ୍କ ପାଇଁ ଯେତିକି ଭକ୍ତି ଥାଏ, ନିଜ ଗୁରୁଙ୍କ ପାଇଁ ମଧ୍ୟ ଠିକ୍ ସେତିକି ଭକ୍ତି ରହିଥାଏ, ତାଙ୍କ ନିକଟରେ ସମସ୍ତ ଶାସ୍ତ୍ରବର୍ଣ୍ଣିତ ସତ୍ୟ ପ୍ରକାଶିତ ହୋଇଯାଏ । ତେଣୁ ଦୋଷଦୃଷ୍ଟି ପରି ମାରାତ୍ମକ ଦୋଷର ବିନାଶ ପାଇଁ ଗୁରୁଙ୍କୁ ଦେବତା-ଜ୍ଞାନ କରିବା ସାଧକଙ୍କ ପାଇଁ ଏକ ପ୍ରାଥମିକ ଆବଶ୍ୟକତା ବୋଲି କୁହାଯାଇଥାଏ । ଯଦି ଏହି ଦୋଷ ଦୂର ହୁଏ, ତେବେ ଜିଜ୍ଞାସୁ ଏବଂ ବ୍ରହ୍ମନିଷ୍ଠ ଗୁରୁଙ୍କ ମଧ୍ୟରେ ଥିବା ଅଭେଦ୍ୟ ଲୌହ ପ୍ରାଚୀର ପରି ମାୟାର ପରଦା ଅପସରି ଯାଏ । ଫଳତଃ ଶିଷ୍ୟଙ୍କ ଉପରେ ଗୁରୁକୃପାର ଅସରନ୍ତି ଧାରା ପ୍ରବାହିତ ହେବାକୁ ଆରମ୍ଭ କରେ ।

ଆପଣ ଗୋଟିଏ ପଥରକୁ ଦଶହଜାର ବର୍ଷ ପର୍ଯ୍ୟନ୍ତ ସମୁଦ୍ରରେ ବୁଡ଼ାଇ ରଖନ୍ତୁ ପଛେ, ଦେଖିବେ, ତାହା ଯେଉଁ ପଥରକୁ ସେହି ପଥର ହୋଇ ରହିଛି । ତା' ଉପରେ ଅକଳନୀୟ ପରିମାଣର ପାଣି ବହିଯାଇଥିଲେ ସୁଦ୍ଧା ତାହାର କୌଣସି ପରିବ□ନ ହୋଇପାରି ନାହିଁ । କାରଣ ପାଣିର ପ୍ରଭାବ ପ୍ରତି ପଥର ସଂପୂର୍ଣ୍ଣ ତଟସ୍ଥ, ନିର୍ବିକାର । ଜଣେ ସାଧକ ନିଜର ଦୋଷଦୃଷ୍ଟିଜନିତ ପ୍ରକୃତି ପାଇଁ ଠିକ୍ ଏହି ପଥର ପରି । ସେ ନିଜର ସ୍ୱଳ୍ପଜ୍ଞାନ ଓ କ୍ଷୁଦ୍ର ଅହଂକୁ ନେଇ ସନ୍ତୁଷ୍ଟ ରୁହନ୍ତି । ନିଜର ଏକଜିଦିଆ ପ୍ରକୃତି, ପୂର୍ବାଗ୍ରହକୁ ଧରିରଖିବାକୁ ରାଜସିକ ମନୋବୃ□ ପ୍ରଭୃତି ନଛୋଡବନ୍ଧା ଭାବ ତାଙ୍କୁ ଜାବୁଡ଼ି ଧରିଥାଏ । ଫଳତଃ ସତ୍‌ସଙ୍ଗରୁ ଯେଉଁ ସତ୍-ଦର୍ଶନରୂପକ ସର୍ବୋଚ୍ଚ ଉପଲବ୍ଧି ମିଳିଯିବା କଥା, ତାକୁ ତାହା ମିଳିପାରେ ନାହିଁ । ଯେପର୍ଯ୍ୟନ୍ତ ସାଧକ ତାଙ୍କର ପୁରୁଣା ପ୍ରକୃତିକୁ ଜାବୁଡ଼ି ଧରିଛନ୍ତି ଏବଂ ନିଜକୁ ପରିବ□ନ କରିବାକୁ ମନା କରିଦେଇଛନ୍ତି, ସେପର୍ଯ୍ୟନ୍ତ ତାଙ୍କ ପାଇଁ ସତ୍‌ସଙ୍ଗ ଆଦୌ ଫଳପ୍ରଦ ହୋଇପାରିବ ନାହିଁ । ସାଧକଙ୍କୁ ତାଙ୍କର ମନୋବୃ□ିର ପରିବ□ନ କରିବାକୁ ପଡ଼ିବ । ସେ ମାନିବାକୁ ପଡ଼ିବ, "ମୁଁ ଅଳ୍ପଜ୍ଞ । ଗୁରୁ ସର୍ବଜ୍ଞ । ମୋତେ ଖୁବ୍ ଅଳ୍ପଜଣା । ମୋ ପାଖରେ ଯାହା ନାହିଁ, ଗୁରୁଙ୍କ ପାଖରେ ତାହା ଅଛି । ମୁଁ ଚାହିଁଲେ ତାଙ୍କ ଠାରୁ ଗ୍ରହଣ କରିପାରିବି ।" ସତ୍‌ସଙ୍ଗରୁ ଫଳ ଆଶା କରୁଥିବା ସାଧକଙ୍କ ପାଇଁ ଏ ପ୍ରକାର ମନୋବୃ□ ଅନିର୍ବାଯ୍ୟ ।

ଭାଷାନ୍ତର- **ପ୍ରଫେସର ଗୋପବନ୍ଧୁ ବେହେରା**

**When the external pleasures are renounced, internal bliss is realised.**

*..... Swami Sivananda Saraswati*

# ସମସ୍ତଙ୍କ ସହ ଏକହୁଅ

**ସ୍ୱାମୀ ଶିବାନନ୍ଦ ସରସ୍ୱତୀ**

ସମସ୍ତଙ୍କ ସହ ସମାନତା ବା ଏକତ୍ୱର କେବଳ ବୁଦ୍ଧିଗତ ଧାରଣା ତୁମର କୌଣସି କାମରେ ଆସିବ ନାହିଁ । ଏହାର ସତ୍ୟତା ତୁମେ ପ୍ରକୃତରେ ତୁମର ଅନ୍ତରାତ୍ମାରେ ଅନୁଭବ କରିବା ଆବଶ୍ୟକ । ଦେହ, ମନପ୍ରାଣ ଓ ଇନ୍ଦ୍ରିୟଗଣ ତଥା ଏ ଜଗତର ପୃଷ୍ଠଭୂମି, ଆଧାର ବା ମୂଳପିଣ୍ଡ ରୂପୀ ଆତ୍ମା ବିଷୟରେ ତୁମେ ସମ୍ପୂର୍ଣ୍ଣ ସଚେତନ ହେବା ଆବଶ୍ୟକ । ଚେତନାର ସେହି ସ୍ତରକୁ ତୁମକୁ ଯିବାକୁ ହେବ ଯେଉଁଠାରେ ଏହି ଅନୁଭୂତି ତୁମର ଦୈନନ୍ଦିନ ଜୀବନର ଏକ ଧାରା ହୋଇଯିବ । ତୁମେ ପ୍ରତିଦିନ ଏକ ଆଦର୍ଶ ଆଧ୍ୟାତ୍ମିକ ଜୀବନ ଯାପନ କରିବା ଉଚିତ । ତୁମର ପଡ଼ୋଶୀମାନେ ପ୍ରକୃତରେ ଅନୁଭବ କରିବା ଉଚିତ ଯେ ତୁମେ ଜଣେ ପୁରାପୁରି ଭିନ୍ନ ମଣିଷ- ଏକ ଅତି ମାନବ । ସେମାନେ ତୁମଠାରେ ଥିବା ସେହି ଦିବ୍ୟ ସୁଗନ୍ଧି ଆଘ୍ରାଣ କରିବା ଉଚିତ । ଜଣେ ପୂର୍ଣ୍ଣ ବିକଶିତ ଜ୍ଞାନୀ ବା ଯୋଗୀ କଦାପି ଲୁଚି ରହିପାରିବ ନାହିଁ । ସୁବାସିତ ଧୂପକାଠିରୁ ଯେପରି ସୁଗନ୍ଧ ବାହାରେ ସେହିପରି ଶରୀରରୁ ଆଧ୍ୟାତ୍ମିକ ସୁବାସ ବାହାରିଥାଏ ।

ଏ ଦୁନିଆରେ ନିର୍ଜୀବ ବସ୍ତୁ ବୋଲି କିଛି ନାହିଁ । ସବୁଥିରେ ଜୀବନ ଅଛି । ଖଣ୍ଡିଏ ପଥର ଦେହରେ ପ୍ରାଣ ଅଛି । ଏ ଜଗତର ସମସ୍ତ ପଦାର୍ଥ ପ୍ରାଣଶକ୍ତିରେ ଭରପୁର । ଏହା ଆଧୁନିକ ବିଜ୍ଞାନ ଦ୍ୱାରା ପୂର୍ଣ୍ଣଭାବରେ ପ୍ରମାଣିତ ହୋଇ ସାରିଛି । ଫୁଲ ଏବଂ ସବୁଜ ଘାସ ସହ ମଧୁର ଭାବେ ହସ । ପ୍ରଜାପତି, ପକ୍ଷୀ ଓ ହରିଣ ମାନଙ୍କ ସହ ଖେଳ । ସାନ ବୁଦା, ଫର୍ଣ୍ଣ (ଏକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଗୁଳ୍ମ) ଏବଂ ଗଛର କଅଁଳିଆ ଡ଼ାଳଟିଏ ସହିତ ହାତ ମିଳାଅ । ଇନ୍ଦ୍ରଧନୁ, ସୁଲୁ ସୁଲିଆ ପବନ, ଆକାଶର ତାରାଗଣ ଓ ସୂର୍ଯ୍ୟଙ୍କ ସହ କଥା ହୁଅ । କୁଳୁ କୁଳୁ ନାଦ କରି ବୋହିଯାଉଥିବା ଝରଣାର ସ୍ରୋତ ଓ ସମୁଦ୍ରର ଉ□ାଳ ତରଙ୍ଗସହ ଖୁସିଗପ କର । ଏପରିକି ତୁମେ ବୁଲାବୁଲି କଲାବେଳେ ହାତରେ ଧରିଥିବା ବାଡ଼ି (ୱାକିଂଷ୍ଟିକ୍) ସହ ଗପସପ କର । ତୁମର ସମସ୍ତ ପଡ଼ୋଶୀ- କୁକୁର, ବିରାଡ଼ି, ଗାଈ, ମନୁଷ୍ୟ, ବୃକ୍ଷ ଓ ଫୁଲ- ସମସ୍ତଙ୍କ ସହ ବନ୍ଧୁତା ଭାବ ବିକାଶ କର । ତାହାହେଲେ ଯାଇ ତୁମେ ବାସ୍ତବିକ ଏକ ପ୍ରଶସ୍ତ, ସମୃଦ୍ଧ ଓ ପୂର୍ଣ୍ଣ ଜୀବନ ଯାପନ କରି ନିଜର ଏକତ୍ୱ ବା ପ୍ରକୃତ ଏକତା ଅନୁଭବ କରିପାରିବ, ଏହାକୁ ଭାଷାରେ ପ୍ରକାଶ କରି ବୁଝାଇବା କଷ୍ଟକର । ତୁମେ ନିଜେ ଏହାକୁ ଅନୁଭବ କରିପାରିବ ।

ଏକ ଦୁର୍ବଳ ମନ ଉପରେ ବଳବାନ୍ ମନ ପ୍ରଭାବ ପକାଏ । ଶରୀର ଉପରେ ମନ ପ୍ରଭାବ ପକାଏ, ମନ ବସ୍ତୁ ଉପରେ କାର୍ଯ୍ୟକରେ । ମନ ବନ୍ଧନ ଆଣେ, ମନ ମୁକ୍ତି ଦିଏ । ମନ ହିଁ ସୈତାନ୍ । ମନ ତୁମର ବନ୍ଧୁ, ମନ ତୁମର ଗୁରୁ । ତୁମକୁ ଏ ମନକୁ ପୋଷା ମନେଇବାକୁ ପଡ଼ିବ । ଏହାକୁ ଶୃଙ୍ଖଳିତ କରିବାକୁ ହେବ । ଏହା ତୁମପାଇଁ ଅତ୍ୟନ୍ତ ମହ□ପୂର୍ଣ୍ଣ କାର୍ଯ୍ୟ ।

**Pride of renunciation is more harmful than pride of wealth.**

*..... Swami Sivananda Saraswati*

ଦୁନିଆରେ କେବଳ ଗୋଟିଏ ଜାତି- ମନୁଷ୍ୟ ଜାତି । କେବଳ ଗୋଟିଏ ଧର୍ମ- ପ୍ରେମର ଧର୍ମ / ବେଦାନ୍ତ (ଜ୍ଞାନ)ର ଧର୍ମ । କେବଳ ଗୋଟିଏ କ□ବ୍ୟ (ଧର୍ମ)- ସତ୍ୟପରାୟଣତା । କେବଳ ଗୋଟିଏ ନିୟମ- କାରଣ ଓ ତାର ପରିଣାମ (କାର୍ଯ୍ୟ କାରଣ) । ଦୁନିଆର କେବଳ ଜଣେ ଈଶ୍ୱର, ସେ ସର୍ବବ୍ୟାପୀ, ସର୍ବଜ୍ଞାତା ଓ ସର୍ବଶକ୍ତିମାନ୍ ପରମେଶ୍ୱର । ଦୁନିଆରେ କେବଳ ଗୋଟିଏ ଭାଷା ସେ ଭାଷା ହୃଦୟର ଭାଷା- ନୀରବତାର ଭାଷା ।

ଅନୁବାଦ- ଗଙ୍ଗାଧର ଶତପଥୀ

## THE UNIVERSAL PRAYER

O Adorable Lord of Mercy and Love !
Salutations and prostrations unto Thee.
Thou art Omnipresent, Omnipotent and Omniscient.
Thou art Satchidananda
(Existence-consciousness-bliss Absolute).
Thou art the Indweller of all beings.

Grant us an understanding heart,
Equal vision, balanced mind,
Faith, devotion and wisdom.
Grant us inner spiritual strength
To resist temptations and to control the mind.
Free us from egoism, lust, greed, hatred, anger and jealousy.
Fill our hearts with divine virtues.

Let us behold Thee in all these names and forms.
Let us serve Thee in all these names and forms.
Let us ever remeber Thee.
Let us ever sing Thy glories.
Let Thy name be ever on our lips.
Let us abide in Thee for ever and ever.

***..... Swami Sivananda Saraswati***

# ଜ୍ଞାନୀହିଁ ସର୍ବୋ□ମ ଭକ୍ତ

**ସ୍ୱାମୀ ଶିବାନନ୍ଦ ସରସ୍ୱତୀ**

ଭଗବାନ ଶ୍ରୀ ଶଂକରାଚାର୍ଯ୍ୟ ଭକ୍ତିର ସଂଜ୍ଞା ନିର୍ଦ୍ଦେଶ କରିବାକୁ ଯାଇ କହିଛନ୍ତି ଯେ "ଆତ୍ମା ପ୍ରତି ଅନୁରକ୍ତି ହିଁ ଭକ୍ତି" । ତୁମେ ଜ୍ଞାନରୁ ଭକ୍ତିକୁ ଅଲଗା କରି ପାରିବ ନାହିଁ । ଯେତେବେଳେ ଭକ୍ତି ପରିପକ୍ୱ ହୁଏ, ଏହା ଜ୍ଞାନରେ ପରିଣତ ହୁଏ । ଜଣେ ପ୍ରକୃତ ଜ୍ଞାନୀ ଭଗବାନ ହରି, ଭଗବାନ କୃଷ୍ଣ, ଭଗବାନ ରାମ, ଭଗବାନ ଶିବ, ଦୁର୍ଗା, ସରସ୍ୱତୀ, ଲକ୍ଷ୍ମୀ, ଭଗବାନ ଯିଶୁଖ୍ରୀଷ୍ଟ ଓ ବୁଦ୍ଧଙ୍କ ଭକ୍ତ । ସେ ଜଣେ ସମରସ ଭକ୍ତ। କେତେକ ଅଜ୍ଞାନୀ ଲୋକ ଭାବନ୍ତି ଯେ ଜଣେ ଜ୍ଞାନୀ ଏକ ଶୁଷ୍କ ବ୍ୟକ୍ତି ଏବଂ ତାହାର ଭକ୍ତି ନାହିଁ । ଏହା ଏକ ଭୁଲ ଧାରଣା । ଜ୍ଞାନୀର ହୃଦୟ ବିଶାଳ ଅଟେ । ଶଙ୍କରାଚାର୍ଯ୍ୟଙ୍କ ଲିଖିତ ସ୍ତବାସ୍ତୋତ୍ର ପାଠ କରନ୍ତୁ ଓ ଭକ୍ତିର ଗଭୀରତା ମାପ କରନ୍ତୁ। ଶ୍ରୀଅପୟାଦୀକ୍ଷିତାରଙ୍କର ଲେଖାଗୁଡ଼ିକ ପାଠକରନ୍ତୁ ଓ ଅସୀମ ଭକ୍ତିର ଗଭୀରତା ମାପ କରନ୍ତୁ।

ସ୍ୱାମୀ ରାମତୀର୍ଥ ଜଣେ ଜ୍ଞାନୀ ଭକ୍ତ ଥିଲେ। ସେ ଭଗବାନ ଶ୍ରୀକୃଷ୍ଣଙ୍କର ଭକ୍ତ ନ ଥିଲେ କି ? ଯଦି ଜଣେ ବେଦାନ୍ତୀ ଭକ୍ତିକୁ ବାଦ ଦିଏ, ମନେରଖନ୍ତୁ ଯେ ସେ ବେଦାନ୍ତକୁ ବୁଝି ନାହିଁ।

ନିର୍ଗୁଣ ବ୍ରହ୍ମ ତାଙ୍କର ଭକ୍ତମାନଙ୍କର ପବିତ୍ର ପୂଜା ପାଇଁ କିଛି ମାୟା ସହ ବିଶ୍ୱର କୌଣସି ସ୍ଥାନରେ ପ୍ରକଟ ହୁଅନ୍ତି। ଈଶ୍ୱର ତାଙ୍କର ତଟସ୍ଥ ଲକ୍ଷଣ ହିଁ ଅଟନ୍ତି।

ଭଗବାନ ଶ୍ରୀକୃଷ୍ଣ ତାଙ୍କର ଜ୍ଞାନୀ ଭକ୍ତଙ୍କୁ ପ୍ରାଧାନ୍ୟ ଦିଅନ୍ତି। ଶ୍ରୀମଦ୍ଭଗବଦ ଗୀତାର ସପ୍ତମ ଅଧ୍ୟାୟର ୧୭ ଏବଂ ୧୮ ଶ୍ଳୋକରେ କୁହାଯାଇଛି- " ଅର୍ଥାର୍ଥୀ, ଆ□, ଜିଜ୍ଞାସୁ ଓ ଜ୍ଞାନୀ ଏହିପରି ଚାରିପ୍ରକାର ଭକ୍ତମାନଙ୍କ ମଧ୍ୟରେ ମୋ ଠାରେ ନିତ୍ୟ ଏକନିଷ୍ଠ ଓ ଅନନ୍ୟ ପ୍ରେମ ଭକ୍ତି ରଖିଥିବା ଜ୍ଞାନୀ ଭକ୍ତ ଅତ୍ୟନ୍ତ ଉ□ମ ଅଟନ୍ତି, କାରଣ ମୋତେ (ଶ୍ରୀକୃଷ୍ଣଙ୍କୁ) ଜାଣିଥିବା ଜ୍ଞାନୀଙ୍କର ମୁଁ (ଶ୍ରୀକୃଷ୍ଣ) ଅତ୍ୟନ୍ତ ପ୍ରିୟ, ଏସମସ୍ତେ ଉଦାର ଅଟନ୍ତି । କାରଣ, ସେହି ମଦ୍‌ଗତ ମନ, ବୁଦ୍ଧି ସମ୍ପନ୍ନ ଜ୍ଞାନୀ ଭକ୍ତ ଅତି ଉ□ମ ଗତି ସ୍ୱରୂପ ମୋଠାରେ ହିଁ ଭଲ ଭାବରେ ଅବସ୍ଥିତ ହୋଇଥାନ୍ତି।"

ଭକ୍ତି ଜ୍ଞାନ ଠାରୁ ପୃଥକ ନୁହେଁ। ଅନ୍ୟ ଅର୍ଥରେ ଜ୍ଞାନ ଭକ୍ତିକୁ ବୃଦ୍ଧି କରେ। ଯାହାର ବେଦାନ୍ତ ଜ୍ଞାନ ଅଛି ସେ ଭକ୍ତିରେ ପ୍ରତିଷ୍ଠିତ ରହେ। ସେ ନିଶ୍ଚଳ ଓ ସ୍ଥିର ରହେ। କେତେକ ଅଜ୍ଞ ଲୋକ କହନ୍ତି ଯେ ଭକ୍ତ ବେଦାନ୍ତ ପାଠ କଲେ ଭକ୍ତି ହରାଇ ଥାଏ। ଏହା ପୁରାପୁରି ଭୁଲ ଅଟେ। ବେଦାନ୍ତ ପାଠ ଭକ୍ତି ବର୍ଦ୍ଧନ ପାଇଁ ସହାୟକ। ବେଦାନ୍ତ ସାହିତ୍ୟରେ ଯିଏ ନିପୁଣ ତାର ଭକ୍ତ ସୁପ୍ରତିଷ୍ଠିତ । ବ୍ରହ୍ମପ୍ରାପ୍ତି ବା ମୁକ୍ତି ପାଇଁ ଜ୍ଞାନ ଓ ଭକ୍ତି ଉଡ଼ିବାରେ ସାହାଯ୍ୟ କରୁଥିବା ପକ୍ଷୀର ଦୁଇ ଡେଣାସହ ତୁଳନୀୟ।

**Religion is the realisation that man, in essence, is God.**

*..... Swami Sivananda Saraswati*

# ମହତବାଣୀ

ନିମ୍ନଲିଖିତ କେତୋଟି ପଂକ୍ତି ମନଦେଇ ପଢ଼ନ୍ତୁ। ଶୁକଦେବ ଜଣେ ପରମ ଜ୍ଞାନୀ ଥିଲେ। ସେ ଜଣେ ଅବଧୂତ ଥିଲେ। ଏହା କିପରି ସମ୍ଭବ ହେଲା ଯେ ସେ ଭାଗବତ ପଢ଼ିଲେ ଏବଂ ରାଜା ପରୀକ୍ଷିତଙ୍କୁ ସାତଦିନ ଧରି ଭାଗବତ କଥା ଶୁଣାଇଲେ। ଏହା ଆଶ୍ଚର୍ଯ୍ୟର ଆଶ୍ଚର୍ଯ୍ୟ କଥା। ସେ ବ୍ରହ୍ମନିଷ୍ଠ ତଥା ପରମ ଜ୍ଞାନୀ ଥିଲେ ତଥା ସେ ଭକ୍ତି ବିଷୟକ ଶିକ୍ଷା ପ୍ରଦାନ କରିଥିଲେ। ସେ ତାଙ୍କ ଆତ୍ମଜ୍ଞାନ ହରାଇ ଥିଲେ କି ? ଏଠାରେ ରହସ୍ୟ କଣ ? ସାରା ବିଶ୍ୱର ମାନବ ସମାଜ ପାଇଁ ବ୍ୟାସଦେବ ୧୮ ଖଣ୍ଡ ପୁରାଣ ରଚନା କଲେ। ମହାଭାରତ ଯାହା ମଣିଷ ପ୍ରବୃ□ ବିଷୟରେ ବିଶେଷ ଆଭାସ ଦିଏ, ତାହା ତାଙ୍କଦ୍ୱାରା ରଚିତ। ତଥାପି ସେ ସେଥିରେ ମାନସିକ ତୃପ୍ତି ପାଇ ପାରି ନଥିଲେ। ସେ ଅସ୍ୱସ୍ତ ମନେ କରିବାକୁ ଲାଗିଲେ। ନାରଦ ତାଙ୍କୁ ଭେଟି ତାଙ୍କର ଅସ୍ୱସ୍ତିର କାରଣ ପଚାରିଲେ। ସେ କହିଲେ " ହେ ବ୍ୟାସ ତୁମର କଣ ହୋଇଛି ? ତୁମେ ବିଷର୍ଣ୍ଣ କାହିଁକି ଦେଖାଯାଉଛ ?" ବ୍ୟାସଦେବ ତାଙ୍କର ହୃଦୟ ଖୋଲି ସବୁକଥା କହିଲେ। ତାହା ଶୁଣି ନାରଦ କହିଲେ- "ତୁମକୁ କୃଷ୍ଣପ୍ରେମ ଓ କୃଷ୍ଣ ଲୀଳା ବିଷୟକ ପୁସ୍ତକ ରଚନା କରିବାକୁ ହେବ ଏବଂ ତାହା କରିବା ପରେ ତୁମର ମନରେ ଶାନ୍ତି ଆସିବ।" ଏହା ଅବଗତ ହୋଇ ବ୍ୟାସଦେବ ଭକ୍ତିରସ ଓ ହରି କୀ□ନ ପରିପୂର୍ଣ୍ଣ ଭାଗବତ ରଚନା କଲେ। ରଷିମାନେ ଏହି ଭାଗବତ ପାଠ କଲେ ଏବଂ ଅରଣ୍ୟ ମଧ୍ୟରେ ଥିବା ଶୁକଦେବଙ୍କ କୁଟୀର ନିକଟରେ ଭାଗବତ କଥା ଶୁଣାଇଲେ। ଶୁକଦେବ ରଷିମାନଙ୍କ ଭାଗବତ କଥାରେ ଅତ୍ୟନ୍ତ ଆକୃଷ୍ଟ ହେଲେ। ସେ ତାପରେ ତାଙ୍କ ପିତାଙ୍କ ନିକଟକୁ ଗଲେ ଓ ତାଙ୍କର ତ□ାବଧାନରେ ଭାଗବତ ପାଠ କଲେ। ଏହା ପରେ ହିଁ ସେ ରାଜା ପରୀକ୍ଷିତଙ୍କୁ ଭାଗବତ ଶିକ୍ଷା ଦେଲେ।

ଶୁକଦେବଙ୍କ ଭକ୍ତିକୁ ଲକ୍ଷ୍ୟ କର। ଏହି ଘଟଣାରୁ ସ୍ପଷ୍ଟ ଅନୁମିତ ହୁଏ ଯେ ଜ୍ଞାନ ଓ ଭକ୍ତି ଅବିଚ୍ଛିନ୍ନ ଓ ଜ୍ଞାନୀହିଁ ସର୍ବୋ□ମ ଭକ୍ତ।

ଅନୁବାଦ- **ଚନ୍ଦ୍ରଶେଖର ପୁରୋହିତ**

## MAHABHAVA

Have Satsanga with saints,
Study devotional books,
You will get admiration for the Lord.
Then you will develop faith.
From faith comes devotion to the Lord,
From devotion comes Nishtha,
From Nishtha comes attachment and steadiness,
From steadiness comes Mahabhava, Prem-Maya.

*.... Swami Sivananda Saraswati*

# 'ଗୁରୁ'ଙ୍କ ଆବଶ୍ୟକତା

ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

ଆଧ୍ୟାତ୍ମିକତା କ୍ଷେତ୍ରରେ ଗୁରୁ ଅପରିହାର୍ଯ୍ୟ କି ? ଏହା ମଧ୍ୟ ସମ୍ଭବ ହୋଇପାରେ ଯେ ଗୁରୁଟିଏ ସହଜରେ ମିଳି ନ ପାରନ୍ତି, କିନ୍ତୁ ମୁଁ ତୁମକୁ ଏତିକି ନିଶ୍ଚିତ ରୂପେ କହିବି ଯେ ବିଭିନ୍ନ ପ୍ରତିବନ୍ଧକ ସତ୍ତ୍ୱେ ସବୁ ଦୃଷ୍ଟିରୁ ସେ ଅପରିହାର୍ଯ୍ୟ । ଯଦି ତୁମକୁ କେହି ଶିକ୍ଷା ଦେବାକୁ ନାହାନ୍ତି, ତୁମେ କିପରି ଶିକ୍ଷା କରିପାରିବ ? ଯଦି କେହି କିଛି ଦେବାକୁ ନାହାନ୍ତି,କିପରି ତୁମେ ଗ୍ରହଣ କରିପାରିବ ? ଭାରତ ବର୍ଷରେ କଥିତ ଅଛି ଯେ ତୁମେ ଯଦି ଗୋଟିଏ ମାଟି ପିଣ୍ଡୁଳାରୁ ପାତ୍ରଟିଏ ତିଆରି କରିବାର ଶିକ୍ଷା ଚାହିଁବ, ସେ ବିଷୟରେ ଯେ ପାରଙ୍ଗମ ତା ପାଖକୁ ଯାଇ ଶିକ୍ଷାନବିଶ ହେବାକୁ ପଡ଼ିବ । ତୁମେ ଯଦି କିଛି ସାଧାରଣ ଭୋଜନ ସାମଗ୍ରୀ ତିଆରି କରିବାକୁ ଚାହଁ, ତୁମକୁ ଏପରି ଏକ ଲୋକ ପାଖରୁ ବୁଝିବାକୁ ପଡ଼ିବ ଯାହାର ପୂର୍ବରୁ ଅଭିଜ୍ଞତା ଅଛି । ଏପରି କିଛି ଉପକରଣ ଥାଇପାରେ, ଯାହା ତୁମେ ଆଦୌ ଜାଣି ନ ଥାଇ ପାର, କିମ୍ବା କେଉଁଠୁ କିଣାଯିବ ତୁମକୁ ଜଣା ନ ଥାଇ ପାରେ, ସେତେବେଳେ ସେ ଲୋକଟି ତୁମକୁ କହିଦେଇ ପାରେ ଯେ ଅମୁକ ରାସ୍ତାର ଅମୁକ ଠାରେ ଏପରି ଏକ ଦୋକାନ ଅଛି ଏବଂ ସେଠି ତୁମେ ଦରକାର କରୁଥିବା ସମସ୍ତ ବସ୍ତୁ ପାଇ ପାରିବ । ପ୍ରତ୍ୟେକ ମୁହୂ□ରେ ତୁମେ ସାହାଯ୍ୟ ପ୍ରାପ୍ତ ହୋଇଥାଅ ଓ ପଥ ପ୍ରଦର୍ଶିତ ହୋଇ ଥାଅ ।

ପ୍ରକୃତ ଗୁରୁ କିଏ ? ଗୋଟିଏ ପ୍ରକୃତ ଗୁରୁ ସେ, ଯେ ସେ ପଥରେ ଅଗ୍ରସର ହୋଇସାରିଥାନ୍ତି । ସେ ଯୀଶୁ କି ବୁଦ୍ଧ ହୋଇ ନ ପାରନ୍ତି, କିନ୍ତୁ ସେ ଈଶ୍ୱର ଅନ୍ୱେଷଣ ଦିଗରେ କପଟହୀନ, ବ୍ୟାକୁଳ ଓ ଉତ୍ସର୍ଗୀକୃତ । ସେ ପବିତ୍ରତା ଓ ଆତ୍ମ ନିୟନ୍ତ୍ରଣର ସ୍ଥିତିକୁ ପହ□ଥାନ୍ତି । ସେ ସତ୍ୟରେ ଆଧାରିତ । ସେ ଆଧ୍ୟାତ୍ମିକ ପଥରେ ତୁମଠାରୁ ଅଗ୍ରଣୀ । ତୁମକୁ ଯାହା ଶିକ୍ଷା କରିବାକୁ ପଡ଼ିବ ସେ ତୁମକୁ ଶିକ୍ଷା ଦେଇପାରିବେ । ତୁମକୁ ଅଗ୍ରସର ହେବାର ପଥ ସେ ପ୍ରଦର୍ଶନ କରିପାରିବେ ଓ ମାର୍ଗ ଦର୍ଶନ କରି ପାରିବେ । ପାଶ୍ଚାତ୍ୟବାସୀମାନଙ୍କ ପାଇଁ ପାଶ୍ଚାତ୍ୟ ଦେଶମାନଙ୍କରେ ଉପଯୁକ୍ତ ଗୁରୁଟିଏ ପାଇବା ସହଜ ନୁହେଁ, ଯେପରି ପ୍ରାଚ୍ୟରେ ମିଳିଥାନ୍ତି । ଗୋଟିଏ ପାଶ୍ଚାତ୍ୟବାସୀ ପାଇଁ ନିଶ୍ଚିତ ଭାବରେ ଏହା ଏକ ପ୍ରତିବନ୍ଧକ । ତୁମେ ଯଦି ଗୁରୁଟିଏ ପାଇ ନ ପାରୁଛ, ଯେ ଉଚ୍ଚତମ ସମାଧିରେ ସ୍ଥିତ ଓ ଆତ୍ମାନୁଭବୀ, ତୁମେ ବିନା ପରାମର୍ଶ ଓ ମାର୍ଗପ୍ରଦର୍ଶନରେ ଏପଟ ସେପଟ ହେବାର ଦରକାର ନାହିଁ । ତୁମେ ଏପରି ବ୍ୟକ୍ତିଙ୍କର ସାନ୍ନିଧ୍ୟ ଲାଭ କର, ଯେ ସେ ପଥରେ ତୁମଠାରୁ ଅଗ୍ରଣୀ, ସେ ତୁମକୁ ପଥ ପ୍ରଦର୍ଶନ କରିବାକୁ ସକ୍ଷମ ହେବେ ।

ଏହି ଆଧୁନିକ ଯୁଗରେ ଆଧ୍ୟାତ୍ମିକ ଶିକ୍ଷା ସର୍ବତ୍ର ପ୍ରାପ୍ତି ହୋଇଥାଏ, କିନ୍ତୁ ତୁମେ ସତର୍କ ରହିବା ଉଚିତ । ଏପରି ଗୋଟିଏ ଗୁରୁଙ୍କର ଶିକ୍ଷା ପସନ୍ଦ କର, ଯେ ବାସ୍ତବବାଦୀ, ଯେ ଅନ୍ତରରେ କପଟହୀନ, ଯାହାର ଶିକ୍ଷା ତୁମର ହୃଦୟତନ୍ତ୍ରୀକୁ ସ୍ପର୍ଶ କରିବ । ତାପରେ ନିଜକୁ ସାଧନାରେ ନିୟୋଜିତ କର । ତୁମକୁ ଗୁରୁଟିଏ ମିଳି ନାହିଁ ବୋଲି ସାଧନା ଆରମ୍ଭ କରିବାକୁ ଅପେକ୍ଷା କରିବା ଉଚିତ ନୁହେଁ । ଗୁରୁ ଦିନେ ନିଶ୍ଚୟ ଆସିବେ । କୌଣସି

**The Supreme Reality or Brahman is not merely an intellectual quest, but a spiritual conquest.**

*..... Swami Sivananda Saraswati*

## ମହତବାଣୀ

ହିସାବରେ ମଧ୍ୟ ସାଧନାକୁ ବିଳମ୍ବ କରାଯିବା ଉଚିତ ନୁହେଁ। ତୁମେ ଆଧ୍ୟାତ୍ମିକ ସାଧନା ଆରମ୍ଭ କରିଦେବା କଥା ଏବଂ ଯେତେବେଳେ ସମୟ ଆସିବ ତୁମକୁ ଯାହା ଦରକାର ଈଶ୍ୱର ଅବଶ୍ୟ ଯୋଗାଇ ଦେବେ। କେତେ ଭାଗ୍ୟବାନ୍ ବ୍ୟକ୍ତି ଥାନ୍ତି, ଯେଉଁମାନେ ଆରମ୍ଭରୁ ଗୁରୁ ପାଇଥାନ୍ତି - ଏପରିକି ସେମାନେ ଆଧ୍ୟାତ୍ମିକ ଜୀବନ ପଥର ଯାତ୍ରା ଓ ଉପଲବ୍ଧି ଆରମ୍ଭ କରିବା ପୂର୍ବରୁ ପାଇଥାନ୍ତି। ଏହା ନିଶ୍ଚିତ ଭାବରେ ଉ□ମ, କିନ୍ତୁ ଏପରି ଏକ ଅଦ୍ଭୁତ ଘଟଣାକୁ ଅପେକ୍ଷା ନ କରି ସାଧନା ପଥରେ ଅଗ୍ରସର ହେବା କଥା।

ତୁମେ ଗୋଟିଏ ଉପଯୁକ୍ତ ଗୁରୁ ପାଇବା ପୂର୍ବରୁ କଣ କରିବା କଥା ? କେତେକେ କହନ୍ତି ଯେ ଗୁରୁ ବିନା ଆଧ୍ୟାତ୍ମିକ ସାଧନା ସମ୍ଭବ ନୁହେଁ, କିନ୍ତୁ ଏହା ଏକ ଭ୍ରାନ୍ତ ଧାରଣା। ଗୁରୁଟିଏ ମିଳନ୍ତୁ ଅବା ନ ମିଳନ୍ତୁ, ତୁମେ ଯେତେବେଳେ ଅନୁଭବ କରିସାରିଛ ଯେ ଈଶ୍ୱର ପ୍ରାପ୍ତି ଲକ୍ଷ୍ୟ ଅଟେ, ତୁମେ ବ୍ୟଗ୍ରତା ସହିତ ହଠାତ୍ ସାଧନା, ଆରମ୍ଭ କରିଦେବା କଥା। ନମ୍ର, ସତ୍ୟାଗ୍ରହୀ, ଦୟାବାନ୍ ଓ ସହାନୁଭୂତିଶୀଳ ହୁଅ। ଯେତେବେଳେ ତୁମେ ଏ ଗୁଣଗୁଡ଼ିକର ସଂସ୍ପର୍ଶରେ ଆସିବ, ତୁମେ ନିଶ୍ଚିତ ଅଭ୍ୟାସ ଆରମ୍ଭ କରିଦେବା କଥା, ଗୁରୁ ମିଳନ୍ତୁ ଅବା ନ ମିଳନ୍ତୁ।

ଏହି ବିଶ୍ୱରେ ପ୍ରତ୍ୟେକ କ୍ଷୁଦ୍ର ବସ୍ତୁ ଦରକାର କରେ ଯେ ତୁମକୁ କେହି ଜଣେ ଦକ୍ଷତା ଶିକ୍ଷା ଦେଉ। କେବଳ ଆଧ୍ୟାତ୍ମିକ ଜୀବନରେ ତାର ବ୍ୟତିକ୍ରମ ହେବ କାହିଁକି ? କେତେକେ କହନ୍ତି, "ଈଶ୍ୱର ନିଜେ ମୋର ଗୁରୁ କାହିଁକି ହୋଇ ନ ପାରିବେ ?" ପାରିବେ, କିନ୍ତୁ ଈଶ୍ୱର ତୁମକୁ ଏକ ଆବିର୍ଭୂତ ରୂପରେ (ଶରୀରରେ) ଯୋଗାଯୋଗ କରିପାରିବେ। ପ୍ରକୃତରେ ଈଶ୍ୱର କ୍ୱଚିତ୍ ହୃଦୟ ମଧ୍ୟକୁ ସିଧା ଆସିଥାନ୍ତି। ଏହା କେବଳ ଈଶ୍ୱର, ଯେ କି ଗୁରୁମାନଙ୍କର ପରମଗୁରୁ - ତୁମ ହୃଦୟବାସୀ, ଯେ ତୁମକୁ ସକ୍ରିୟ କରନ୍ତି, ପଥପ୍ରଦର୍ଶନ କରନ୍ତି ଏବଂ ଆଧ୍ୟାତ୍ମିକ ପଥରେ ପରିଶେଷରେ ଅଗ୍ରସର କରାନ୍ତି। କିନ୍ତୁ ସେ ମଧ୍ୟ ଶରୀରଧାରୀ ଗୁରୁ ମାଧ୍ୟମରେ ଆସନ୍ତି। ସବୁବେଳେ ଆମେ ଭାବିବା ଉଚିତ ନୁହେଁ ଯେ ଆମେ ଏକ ବ୍ୟତିକ୍ରମ, ଆମକୁ ଜଣେ ଶରୀରଧାରୀ ଗୁରୁ ଦରକାର ନାହିଁ। ଏହି ବିଶ୍ୱରେ ଏପରି କ୍ୱଚିତ ବ୍ୟତିକ୍ରମ ଦେଖାଯାଆନ୍ତି, କିନ୍ତୁ ଆମେ ଭାବିବା ଉଚିତ୍ ନୁହେଁ ଯେ ଆମେ ତାଙ୍କ ମଧ୍ୟରେ ଜଣେ। ଏହା ସୂକ୍ଷ୍ମ ।ହଂକାର ଯେ ଈଶ୍ୱର ନିଜେ ଆମ ପାଖକୁ ଆସନ୍ତି। ସର୍ବୋପରି ଏ ପ୍ରଶ୍ନରେ ନିହିତ ମୁଖ୍ୟ କାରଣ ଏହି ଯେ ଆମର ଅନ୍ତର୍ନିହିତ ସୂକ୍ଷ୍ମ ଅହଂକାର ଗୋଟିଏ ମଣିଷରୂପି ବ୍ୟକ୍ତିଙ୍କୁ ଗୁରୁ ରୂପେ ଗ୍ରହଣ କରିବାକୁ ଅନିଚ୍ଛୁକ।

ଅହଂକାର ଓ ବଡ଼ିମାର ଭାବ ମଣିଷକୁ ଆନ୍ଦୋଳିତ କରିଦିଏ। ସଦାବେଳେ ନିଜକୁ ନମ୍ର ରଖ ଏବଂ ସମସ୍ତ ପ୍ରକାର ଦିଗରୁ ଶିକ୍ଷା କର। ପରିଶେଷରେ ଦେଖାଯିବ ଅହଂକାର ହିଁ ବନ୍ଧନ। ପ୍ରତ୍ୟେକେ ମୁକ୍ତି ଚାହାନ୍ତି, କିନ୍ତୁ ପ୍ରକୃତରେ ସେ କିଏ, ଯେ ମୁକ୍ତି ଚାହେଁ ? ଏହା ହେଉଛି ସେ ଛୋଟିଆ 'ଅହଂ'। 'ଅହଂ' ତ୍ୟାଗ ହିଁ ସମଗ୍ର ଆଧ୍ୟାତ୍ମିକତା। ଏପର୍ଯ୍ୟନ୍ତ ହୋଇଥିବା ପଥମାନଙ୍କ ମଧ୍ୟରୁ ଗୁରୁ ପରମ୍ପରା ହିଁ ଏକ ମାତ୍ର ପଥ, ଯାହା ଅହଂକାରକୁ ସମ୍ପୂର୍ଣ୍ଣ ଭାବରେ ନାଶ କରି ପାରିବେ। ତୁମେ ଅନେକ ପ୍ରକାରେ ଅହଂକାର ନଷ୍ଟ କରିପାର, କିନ୍ତୁ ତାହା କେବଳ ଗୁରୁଙ୍କ ଦ୍ୱାରାହିଁ ସମ୍ଭବ। ଯଦ୍ୱାରା ତୁମେ ଦିନକୁ ଦିନ ପ୍ରକୃତରେ ଅହଂ ତ୍ୟାଗର ପଥରେ ଅଗ୍ରସର ହୋଇପାରିବ।

ଏହି 'ଅହଂ' ପ୍ରକୃତରେ ଅତି ସୂକ୍ଷ୍ମ। ଜଣେ ଏହି ପ୍ରକାର ଅହଂର ପ୍ରବାହରେ ପ୍ରବାହିତ ହୋଇ କହିପାରେ

**Faith cuts asunder the veil that hides God. Commune with Him and merge in Him. This is your goal.**
*..... Swami Sivananda Saraswati*

## ମହତବାଣୀ

" ପୂର୍ବକାଳରେ ଆତ୍ମ-ଅନୁଭବୀ ଗୁରୁ ଥିଲେ, ଯାହାଙ୍କ ପାଖରେ ତୁମେ ତୁମକୁ ସମର୍ପିତ କରିପାରୁଥିଲ, କିନ୍ତୁ ବ□ମାନ ଆତ୍ମାନୁଭବୀ ଗୁରୁ ନାହାନ୍ତି। କିପରି ତୁମେ ଏପରି ସେପରି ଲୋକ ପାଖରେ ନିଜକୁ ସମର୍ପଣ କରି ଦେଇ ପାରିବ ?" ତୁମକୁ ଯେପରି ସେପରି ଲୋକଙ୍କ ପାଖରେ ନିଜକୁ ସମର୍ପଣ କରିବାକୁ କିଏ କହିଲା ? 'ଉପଯୁକ୍ତ ଗୁରୁ ନାହାନ୍ତି', କହିବା ହିଁ ତୁମ ପକ୍ଷରେ ସୂକ୍ଷ୍ମ ଉଚ୍ଚ ମନ୍ୟତା ଜନିତ ବିକାରର ପରିଚାୟକ। ସେ ପ୍ରକାର ବ୍ୟକ୍ତି କହିପାରେ, " ଯେଉଁ ମାନଙ୍କର ମୋର ସ୍ତର ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଜାଗରଣ ନାହିଁ, ତାଙ୍କ ପାଇଁ ଗୁରୁ ଥାଇ ପାରନ୍ତି, କିନ୍ତୁ ମୋ ପାଇଁ ଯଥାଯଥ ଗୁରୁ ନାହାନ୍ତି, କାରଣ ମୁଁ ଉନ୍ନୀତ, ଜାଗରଣ ପ୍ରାପ୍ତ ହୋଇଯାଇଛି।" କେଉଁ ଆଧ୍ୟାତ୍ମିକ ଜ୍ଞାନ ବିଷୟରେ ସେମାନେ କହୁଛନ୍ତି ? ସେମାନଙ୍କ ମସ୍ତିଷ୍କ କିଛି ପୁସ୍ତକଜ୍ଞାନ ଦ୍ୱାରା ସୀମିତ ଏବଂ ସେଥିରୁ ସେମାନେ ନିଜକୁ ଶ୍ରେଷ୍ଠ ମାନୁଛନ୍ତି। ଜଣେ ନିଜକୁ ଏପରି ସୂକ୍ଷ୍ମାହଂକାରର ଉଚ୍ଚମନ୍ୟତା ଜନିତ ବିକାରରୁ ରକ୍ଷା କରିବା ଉଚିତ୍। " ମୁଁ ବହୁ ଉଚ୍ଚକୁ ଉଠି ସାରିଛି; ମୁଁ ଅନ୍ୟମାନଙ୍କ ପରି ନୁହେଁ; ମୁଁ ଗୋଟିଏ ବ୍ୟତିକ୍ରମ।" ଦେଖ ଏହା ମନ ଉପରେ ମାୟାର ଏକ ସୂକ୍ଷ୍ମ କାର୍ଯ୍ୟକଳାପ। ତେଣୁ ବହୁତ ବିନମ୍ର ହେବାକଥା।

କେତେକେ ଦିବଙ୍ଗତ ମୃତ ସନ୍ଥଙ୍କୁ ଗୁରୁ ରୂପରେ ଗ୍ରହଣ କରିବାକୁ ଉଚିତ ମନେ କରନ୍ତି। ସେମାନେ କହନ୍ତି ଯେ ରାମକୃଷ୍ଣଙ୍କୁ କିମ୍ବା ଅନ୍ୟ କାହକୁ ସେମାନେ ଗୁରୁ କରିଛନ୍ତି, ଯେଉଁମାନେ ଆଉ ଜୀବିତ ନାହାନ୍ତି। ଏହା ଅତି ସୁଖପ୍ରଦ, କାରଣ ସେ ଶିଷ୍ୟମାନେ କାହାରି ଦ୍ୱାରା କୌଣସି ଉକ୍ତିରେ ଖଣ୍ଡିତ ହେବେ ନାହିଁ ଏବଂ ସେମାନେ କିଛି ତୃଟୀ କଲେ, କେହି ତାଙ୍କୁ ସମାଲୋଚନା କରିପାରିବେ ନାହିଁ। ଏପରିକି ସେମାନେ ଦିବାରାତ୍ର " ମୁଁ ତୁମ ପାଖରେ ସମର୍ପଣ କରୁଛି, ମୁଁ ତୁମ ପାଖରେ ସମର୍ପଣ କରୁଛି" ବୋଲି କହିଲେ ମଧ୍ୟ, ଅହଂକାର ଚାଲିଯାଏ ନାହିଁ। ସେ ସମର୍ପଣର ଗୁଣ କିପରି ଜାଣିପାରିବ ଏବଂ ସେ ନିଜକୁ କିପରି ପରୀକ୍ଷା କରି ପାରିବ ? ଏହା ମାତ୍ର ସେତେବେଳେ ହୋଇଥାଏ, ଯେତେବେଳେ ଗୋଟିଏ ଉପଯୁକ୍ତ ଶିଷ୍ୟ ଏକ ବାସ୍ତବ ଗୁରୁଙ୍କର ଇଚ୍ଛା ବା ଶିକ୍ଷାର ଅଧୀନ ହୋଇଥାଏ। ସେତେବେଳେ ସେ (ଗୁରୁ) ଜାଣିବାକୁ ପାଆନ୍ତି ଯେ ଶିଷ୍ୟର ସମର୍ପଣ, ନମ୍ରତା ଏବଂ ବିଶ୍ୱସ୍ତତା କେତେ ଗଭୀର।

ଅତୀତର ଗୋଟିଏ ସନ୍ଥଙ୍କୁ ଗୁରୁ ରୂପରେ ଗ୍ରହଣ କରିବା ଈଶ୍ୱରଙ୍କୁ ଗୁରୁ ରୂପରେ ଗ୍ରହଣ କରିବା ସହିତ ସମାନ। ଈଶ୍ୱର ଏକ ନଗଣ୍ୟ, ପ୍ରତିବାଦ କରୁ ନଥିବା ବ୍ୟକ୍ତି। ସେ ପ୍ରତିବାଦ କଲେ ମଧ୍ୟ ତୁମେ ତାଙ୍କ ପ୍ରତିବାଦକୁ ଉପଲବ୍ଧି କର ନାହିଁ। ଅନେକବାର ସେ ତୁମର ଅବିଶ୍ୱନୀୟତା ବିରୁଦ୍ଧରେ ପ୍ରତିବାଦ କରନ୍ତି ଏବଂ ତୁମ ପାଖକୁ ତାଙ୍କ ଢ଼ଙ୍ଗରେ ପ୍ରତିବାଦ ପତ୍ର ପଠାଇଥାନ୍ତି , କିନ୍ତୁ ତୁମେ ତାହା ଅନ୍ୟପାଇଁ ବୋଲି କହିଥାଅ। "ସେ ଲୋକଟି ମୋ ପାଇଁ କଦର୍ଯ୍ୟ ଏବଂ ମୋ ପାଇଁ ଏ ଦୁର୍ଦ୍ଦଶା ଆଣିଦେଲା।" ଆମେ କେତେବେଳେ ମଧ ଚିନ୍ତା କରୁ ନା, "ବୋଧହୁଏ ସେ(ଈଶ୍ୱର) ଏହା ତାଙ୍କ ଢ଼ଙ୍ଗରେ ମୋ ପାଖକୁ ମୋର ବିରୁଦ୍ଧାଚରଣ ପାଇଁ ପଠାଇଛନ୍ତି।" ତୁମେ ସୁଖକର ସ୍ଥିତି ପାଇଛି ବୋଲି ଭାବିବା ଉଚିତ ନୁହେଁ, ଯେ ହେତୁ ତୁମର ଗୁରୁ ଅଦୃଶ୍ୟ, ନୀରବ ଅଟନ୍ତି। ସେ ଗୁରୁ କୌଣସି ପ୍ରକାରେ ଫଳପ୍ରଦଭାବେ ତୁମର ଅଂହକୁ ପରୀକ୍ଷା କରି ପାରିବେ ନାହିଁ। ତେଣୁ ଆମେ ଆମର ଆଖି ଖୋଲାରଖିବା ଓ ଆମେ କ'ଣ କରୁଛୁ ସେଥିପ୍ରତି ସତର୍କ ରହିବା।

**To attain union with God be humble like a blade of grass, simple like a child, and love the Lord like Gopis.**
*..... Swami Sivananda Saraswati*

ଗୁରୁମାନେ ସହଜଲଭ୍ୟ । ସେମାନେ ଆସିବେ ଓ ଦିଗ୍ ଦର୍ଶନ ଦେବେ ସେତେବେଳେ, ଯେତେବେଳେ ତୁମେ ଅତିଶୟ ବିଶୁଦ୍ଧ ହୋଇଯିବ, ତଥା ନିଜକୁ ନମ୍ର କରିଦେବ । ତୁମର ପୁସ୍ତକରୁ ଶିକ୍ଷା ଗୁରୁଙ୍କ ପାଇଁ କୌଣସି ପ୍ରଭେଦ ଆଣିଦିଏ ନାହିଁ । ଜଣେବ୍ୟକ୍ତି ଗବେଷଣା ପ୍ରାପ୍ତ ଉପାଧି (Ph.D) ପାଇ ଥାଇପାରେ, କିନ୍ତୁ ସେ ଯଦି ଗାଡ଼ି ଚଲାଇବା ସମୟରେ ଗ୍ରାମ୍ୟ ରାସ୍ତାରେ ବଣା ହୋଇଯାଏ, ତାକୁ ଗ୍ରାମର ଅଶିକ୍ଷିତ ଲୋକକୁ ପଥ ପ୍ରଦର୍ଶନ ପାଇଁ ପଚାରିବାକୁ ପଡ଼ିପାରେ । ଅନେକ ଗୁଡ଼ିଏ ଏପରି ସ୍ଥାନ ଅଛି ଯାହାପାଇଁ ଏପର୍ଯ୍ୟନ୍ତ ଆମପାଖରେ କୌଣସି ନକ୍ସା ନାହିଁ, ତେଣୁ ଆମ ପୂର୍ବରୁ ଯେ ସେ ପଥରେ ଗସ୍ତକରି ସାରିଛନ୍ତି ସେ ହିଁ ଆମକୁ ପଥ ପ୍ରଦର୍ଶନ କରିବେ । ତୁମେ କହିପାର, "ମୁଁ ସବୁ ଚିହ୍ନ ଗୁଡ଼ିକ ପଢ଼ି ମୋର ପଥ ନିର୍ଦ୍ଧାରିତ କରିପାରିବି", କିନ୍ତୁ ତୁମେ ଏପରି ଏକ ଦେଶକୁ ଯାଅ ଯେଉଁଠିକାର ଭାଷା ତୁମେ ଜାଣି ନାହଁ, ସେ ସ୍ଥଳରେ ତୁମର ପୂର୍ବାର୍ଜିତ ଜ୍ଞାନ କି କାମରେ ଆସିବ ? ତୁମେ ଖାଦ୍ୟର ତାଲିକା ପଢ଼ିବା ପାଇଁ ସକ୍ଷମ ହୋଇ ପାରିବ ନାହିଁ । ତୁମେ ଜାଣିବାକୁ ସକ୍ଷମ ହୋଇପରିବ ନାହିଁ ଯେ ଦ୍ୱାର "ଟାଣିବା" ବା "ପେଲିବା" ପାଇଁ କହୁଛି ଏବଂ କେଉଁକଳ ଗରମ ପାଣିପାଇଁ ଓ କେଉଁ କଳ ଥଣ୍ଡା ପାଣିପାଇଁ ଉଦ୍ଦିଷ୍ଟ ।

ମୋତେ ବିଶ୍ୱାସ କର, ଆଧ୍ୟାତ୍ମିକ ପଥ ଏପରି ଏକ କ୍ଷେତ୍ର ଯାହାପାଇଁ କୌଣସି ନକ୍ସା ନାହିଁ କି କୌଣସି ଭାଷା ନାହିଁ । ଆମର ଏତେ ଗୁଡ଼ିଏ ତଥ୍ୟ ତଥା ସମସ୍ତପ୍ରକାର ମାର୍ଜିତ ଜ୍ଞାନ ଥିବା ସତ୍ତ୍ୱେ, ଏପର୍ଯ୍ୟନ୍ତ ଆତ୍ମନିୟନ୍ତ୍ରଣ,ଦାର୍ଶନିକ ଅନ୍ୱେଷଣ, ବିଚାର କିମ୍ବା ନମ୍ରତାର କୌଣସି ଯନ୍ତ୍ର ଆମପାଖରେ ନାହିଁ । ଗୋଟିଏ ନିର୍ଦ୍ଦିଷ୍ଟ କାଳ ଓ ସ୍ଥାନରେ ଆମକୁ କଣ ଦରକାର ତାହା ଆମକୁ ଜଣା ନାହିଁ ।

ସାଧାରଣତଃ ପୁସ୍ତକସ୍ଥ ଜ୍ଞାନ ଆମର ବ୍ୟବହାର ପାଇଁ ଧୈର୍ଯ୍ୟ ଓ ସହନଶୀଳତାକୁ ଆମର ଅସ୍ତ୍ରହିସାବରେ ଆମ ପାଖରେ ରଖାଇପାରେ ନାହିଁ । ଶିଷ୍ୟତ୍ୱ ସମୟରେ ଅନେକ ଗୁଣ ଆହରଣ କରାଯାଇଥାଏ ଏବଂ ଶିଷ୍ୟ ହିଁ କେବଳ ଏହି ଗୁଣ ଗୁଡ଼ିକୁ ବୃଦ୍ଧି କରାଇଥାଏ । ଏହି ଶିଷ୍ୟତ୍ୱ ପଛରେ ଗୋଟିଏ ଗୂଢ଼ ବିଜ୍ଞାନ ଅଛି । ଗୁରୁ କାହିଁକି ଶିଷ୍ୟତ୍ୱର ଏକ ସ୍ଥିତି ଉପରେ ଜୋର ଦିଅନ୍ତି, କାରଣ ଏହା ଦ୍ୱାରା ହିଁ ତୁମେ ନିପୁଣତାର ସ୍ତରକୁ ଗତିକରି ପାରିବ । ଜଣେ ଏହା ଭାବିନେବା ଉଚିତ ନୁହେଁ ଯେ ଏପରିକି ଶିଷ୍ୟଟିଏ ହେବା ଆଗରୁ ସେ ପାରଦର୍ଶୀ ହୋଇ ପାରିବ । ତାହାକୁ ଆଧ୍ୟାତ୍ମିକ କ୍ରମବିକାଶର ସମସ୍ତ ସ୍ତର ଅତିକ୍ରମ କରିବା ଉଚିତ ।

ଈଶ୍ୱର ସଦାବେଳେ ତୁମକୁ ସାହାଯ୍ୟ କରିବା ପାଇଁ ତୁମ ପାଖରେ ଥାଆନ୍ତି ତଥା ଗୁରୁଙ୍କର ଅଭାବ ନାହିଁ । ଏକ ସମୟରେ ଯେତେ ବେଶୀ ଗୁରୁ ଥିଲେ, ସେତିକି ନାହାନ୍ତି, କିନ୍ତୁ ପ୍ରକୃତ ଶିଷ୍ୟ ବହୁତ କମ୍ ଅଛନ୍ତି । ଆସ ଆମେ ଦିବ୍ୟତାକୁ ଦର୍ଶନ କରିବା ଏବଂ ଆଲୋକ ତଥା ପଥ ପ୍ରଦର୍ଶନ ପାଇଁ ପ୍ରାର୍ଥନା କରିବା । ଆମେ ଯଦି ନିଜକୁ ଆଦର୍ଶ ଶିଷ୍ୟରେ ରୂପାନ୍ତରିତ କରିବାକୁ ଚାହୁଁ, ଗୁରୁ ତାହା ଆମକୁ ପ୍ରଦାନ କରିବେ । ଯେଉଁ ସ୍ଥାନରେ ଆଧ୍ୟାତ୍ମିକ ଜୀବନର ପ୍ରସ୍ତୁତି ତଥା ପ୍ରକୃତ ଚାହିଦା ଥିବ, ଗୁରୁ ତାହା ପ୍ରଦାନ କରିବେ । ତାହା ହିଁ ଈଶ୍ୱରଙ୍କର ନିୟମ, ଆଧ୍ୟାତ୍ମିକ ଜୀବନର ନିୟମ । ତୁମ ସମସ୍ତଙ୍କୁ ତୁମ ଜୀବନକାଳରେ ଏକ ସତ୍‌ଗୁରୁ ପ୍ରାପ୍ତ ହେଉ, ଯାହା ତୁମକୁ ଆଧ୍ୟାତ୍ମିକ ପଥରେ ଅବିରତ ଭାବରେ ଗତି କରିବାକୁ ସାହାଯ୍ୟ କରିବ ।

ଭାଷାନ୍ତର- କଳ୍ପବଟ ସାହୁ

**Jealousy is the jaundice of the mind.**

*..... Swami Sivananda Saraswati*

# ସେ କିଏ ଯେ ଜାଣେ

ସ୍ୱାମୀ ଶିବାନନ୍ଦ ସରସ୍ୱତୀ

ଶାସ୍ତ୍ର ଏବଂ  ପୁରାଣରେ ବେଦ, ଉପନିଷଦ ଯୁଗର ଏପରି ଅନେକ ପୁରାତନ ବିଦ୍ୱାନ ମାନଙ୍କ ଦର୍ଶନ ବିଷୟରେ ବର୍ଣ୍ଣନା କରାଯାଇଛି । ଗୋଟିଏ ପରେ ଗୋଟିଏ । ଜଣା ଠାରୁ ଅଜଣା, ଦୃଶ୍ୟମାନ୍ ଠାରୁ ଅଦୃଶ୍ୟ ପର୍ଯ୍ୟନ୍ତ । ଏକ ଅବସ୍ଥାକ୍ରମେ ସମସ୍ତ ଦୃଶ୍ୟମାନ୍ ପଦାର୍ଥ ଯଥା- ମାଟି, ପାଣି ପବନ ଏବଂ ଅଗ୍ନି ସମ୍ବନ୍ଧରେ ଜାଗତିକ ଜ୍ଞାନ ଲାଭ କରି ଶେଷରେ ଉପସଂହାର କରିଛନ୍ତି ଯେ 'ଖ' ବା ଆକାଶ ତ□୍ୱ ହେଉଛି ଅନ୍ତିମ ତଥା ବ୍ୟାପକ ବସ୍ତୁ; ସର୍ବବ୍ୟାପକ । ଯେହେତୁ ଏହାକୁ ସ୍ପର୍ଶ କରି ହୁଏ ନାହିଁ, ଦେଖିହୁଏ ନାହିଁ, ସୂକ୍ଷ୍ମରୁ ସୂକ୍ଷ୍ମତମ; ତେଣୁ ତାହାକୁ ନାମ ଦେଲେ 'ଖ' ବ୍ରହ୍ମ ।

ପରବ□ୀ ସମୟରେ କେତେକ ସନ୍ଥ କହିବାକୁ ଆରମ୍ଭ କଲେ ଯେ ଆକାଶ ତ□୍ୱ ଚରମ ବା ଅନ୍ତିମ ସ□ା ହୋଇ ପାରିବ ନାହିଁ । ଯେଉଁମାନେ 'ଖ' ବ୍ରହ୍ମ କହନ୍ତି, ସେମାନେ କିଏ ? ସେ ଜାଣିବା ବ୍ୟକ୍ତିଟି କିଏ ? ସେ ତାହା ଦର୍ଶନ କରିଛନ୍ତି କି ? ତାଙ୍କୁ ସାକ୍ଷାତ୍ କରିଛନ୍ତି କି ?

ଯଦି ସାକ୍ଷାତ କରିଥିବା ବ୍ୟକ୍ତି କହନ୍ତି ଯେ ମୁଁ 'ଖ' ବ୍ରହ୍ମଙ୍କୁ ଜାଣେ, ତେବେ ସେହି ବ୍ୟକ୍ତି ନିଶ୍ଚୟ ସଚେତନ ଥିବେ ଯେ ସେ ନିଜେ ହିଁ ବିଦ୍ୟମାନ, ଅଛନ୍ତି ଏବଂ ସେଥିପାଇଁ ଉଦ୍‌ଘୋଷ କରନ୍ତି ଯେ ଆକାଶ ତ□୍ୱ ହିଁ ବ୍ରହ୍ମ । ସେ ହେଉଛନ୍ତି ସେହି ବ୍ୟକ୍ତି ଯେ ସ□ା ପ୍ରତି ସଚେତନ । ଜଣେ ସଚେତନ ନ ହେଲେ ସ□ା ବିଷୟରେ କିଛି କହି ପାରିବ ନାହିଁ । କିନ୍ତୁ ମନୁଷ୍ୟ ସ□ାକୁ ଜାଣିବା ଆଗରୁ ମଧ୍ୟ ସ□ା ଥିଲା । ଅଚେତନ ଜଡ଼ ବସ୍ତୁ ସ□ା ବିଷୟରେ ନା କିଛି ଜାଣି ପାରେ ନା ସେ ବିଷୟରେ କହିପାରେ ।

ଏଣୁ ସେମାନେ ଶେଷ ନିଷ୍କ□ରେ ପହ□ିଲେ ଯେ ଚେତନା ଓ ଜାଗ୍ରତ ଅବସ୍ଥା ହିଁ ଅପରିହାର୍ଯ୍ୟ । ଏହା ଆକାଶ ତ□୍ୱର ବହୁତ ଆଗରୁ ବିଦ୍ୟମାନ ଯେ କି ଆକାଶ ତ□୍ୱ ସଂପର୍କରେ ଜାଣେ । ତାହା ହେଲା ଚେତନା ଅବସ୍ଥା । ତେଣୁ ଚେତନା ହିଁ ଚରମ ବା ଅନ୍ତିମ ଅବସ୍ଥା ଏବଂ ଚେତନା ହିଁ ବ୍ରହ୍ମ । ସେମାନେ ତାକୁ ନାମ ଦେଲେ "ପ୍ରଜ୍ଞାନ ବ୍ରହ୍ମ" । ପ୍ରଜ୍ଞାନ ହିଁ ଜାଗ୍ରତ ବା ଚେତନ ଅବସ୍ଥା । "ପ୍ରଜ୍ଞାନ ବ୍ରହ୍ମ" ଋଗ୍‌ବେଦର ମହାକାବ୍ୟ । ଏହା ଆବିଷ୍କାର କଳାପରେ ପରବ□ୀ ସମୟରେ ସେମାନେ ଘୋଷଣା କଲେ "ଅହଂ ବ୍ରହ୍ମାସ୍ମି" ଅର୍ଥାତ୍ ମୁଁ ସେହି ଶୁଦ୍ଧ ସ□ା । ଏହା ଯଜୁର୍ ବେଦର ମହାକାବ୍ୟ । ଏବଂ ଯେଉଁ ଗୁରୁ ଆତ୍ମତ□୍ୱକୁ ଶୁଦ୍ଧ ଚୈତନ୍ୟ ରୂପେ ଉପଲବ୍‌ଧି କରିପାରିଛନ୍ତି, ଜ୍ଞାନ ଉପଦେଶ ଦେବା ସମୟରେ ଶିଷ୍ୟ ମାନଙ୍କୁ କହନ୍ତି- 'ତତ୍ ତ୍ୱମ୍ ଅସି' ତୁମେ ହିଁ ବ୍ରହ୍ମ, ତୁମେ ସେହି ଶୁଦ୍ଧ ଚୈତନ୍ୟ, ଶାଶ୍ୱତ ପ୍ରଜ୍ଞା ।

**Combine intense aspiration with single-minded devotion.**

*..... Swami Sivananda Saraswati*

ବେଳେ ବେଳେ ପ୍ରଶ୍ନ କରିଥାଉଁ, କିଏ ଏହି ଚେତନାରେ ସଚେତନ ଯେ 'ସଚେତନତା' ଅଛି ?" ଏହା ଏକ ଅବାନ୍ତର ପ୍ରଶ୍ନ । ଚେତନା ପାଇଁ କୌଣସି ସାକ୍ଷୀଙ୍କର ଆବଶ୍ୟକତା ନାହିଁ । ବରଂ ଏହା ସମସ୍ତ ପଦାର୍ଥର ସାକ୍ଷୀ । ଚେତନା ହିଁ ମୌଳିକ । ଏହା ବ୍ୟତୀତ କିଛି ନାହିଁ ଯେ ସମସ୍ତ ଜାଗତିକ ସ୍ଥିତିକୁ ଜାଣି ପାରିବ ଯଥା ଏହି ଜଗତ, ସୂର୍ଯ୍ୟ, ଚନ୍ଦ୍ର, ତାରା, ନକ୍ଷତ୍ର, ମହାକାଶ ସମସ୍ତ କିଛି । ତେଣୁ ଏହି ଚେତନା ଶକ୍ତି ହିଁ ମହାନ୍ ।

ସମସ୍ତ ଜୀବ ଚେତନା ସହ ସଂଶ୍ଳିଷ୍ଟ । ଏହା ପ୍ରକୃତିଗତ । ତୁମର ସ୍ଥିତାବସ୍ଥାକୁ ସୂଚେଇ ଦେବା ପାଇଁ କାହାରି ଦରକାର ନାହିଁ । "ତୁମେ ଜୀବିତ ଅଛ" ଏପରି କେହି କହିବା ଦରକାର ନାହିଁ । ସକାଳେ ତୁମେ ଯେତେବେଳେ ନିଦରୁ ଉଠ- ତୁମେ ଜୀବିତ ଅଛ- ନିଜେ ଜାଣିଯାଅ । ଏଥିପାଇଁ କୌଣସି ଲୋକ ତୁମକୁ ଜଣାଏ ନାହିଁ । ତୁମେ ନିଜେ ହିଁ ନିଜ ଚେତନା ଦ୍ୱାରା ସମସ୍ତ କଥା ଜାଣିଛ । ତୁମର ଜାଗ୍ରତ ଅବସ୍ଥା ହିଁ ତୁମର ଜୀବିତାବସ୍ଥାର ସୂଚନା ଦିଏ ।

ଏହି ମହାନ୍ ସତ୍ୟ ସାଧକକୁ ବୁଝିବାପାଇଁ ସାହାଯ୍ୟକରେ, ଯାହା ବାସ୍ତବିକତା ଏବଂ ଚରମ ସତ୍ୟ ସହିତ ସଂପର୍କ । ମୁନି ଋଷିମାନେ ନୀତିଗତ ତଥା ଯୁକ୍ତିଯୁକ୍ତ ଉପାୟରେ ସର୍ବବ୍ୟାପକ ଅକାଶତ୍ୱ କୁ ବ୍ରହ୍ମ ଭାବରେ ତୁଳନା କରିଥାନ୍ତି । ଏହି ଚିନ୍ତା ମଣିଷର ଭାଷା ମାଧ୍ୟମରେ ପ୍ରକାଶ କଲାବେଳକୁ ଏକ ବିଚିତ୍ର ଧାରଣା ସୃଷ୍ଟି ହୋଇଥାଏ । ଯଦି କୌଣସି ସଭା ଗୃହରେ ଉତ୍ସବ ପାଳନ କଲାବେଳେ ଜଣେ କହନ୍ତି, "ଏଠାରୁ ଟେବୁଲ ଚୌକି ଆଦି ଆସବାବ ପତ୍ର ବାହାର କରିଦିଅ, ଅଧିକ ସ୍ଥାନ ଆମେ ସୃଷ୍ଟି କରିପାରିବା" । ସତେ ଯେପରି ସେମାନେ ସେ ସ୍ଥାନ ସୃଷ୍ଟି କଲେ ଯାହା ଆଗରୁ ନ ଥିଲା । ସେ ସ୍ଥାନ (ଆକାଶ) ସଦା ସର୍ବଦା ଅଛି ଏବଂ ଭବିଷ୍ୟତରେ ମଧ୍ୟ ଥିବ । ବେଦାନ୍ତ ଏହାକୁ 'ମଠାକାଶ' ଏବଂ 'ମହାକାଶ' ନାମ ଦେଇଛନ୍ତି । ଆକାଶ ଗୋଟିଏ ସୀମା ମଧ୍ୟରେ ଆବଦ୍ଧ ହେଲେ ତାହା 'ମଠାକାଶ' ଏବଂ ବାହାରର ଅପରିସୀମ ଆକାଶ ହେଉଛି 'ମହାକାଶ' । ଗୋଟିଏ କୋଠରୀ; ତେବେ ପ୍ରଭେଦ କ'ଣ ? କୋଠରୀ ମଧ୍ୟସ୍ଥ ଆକାଶରେ ଉଡ଼ାଜାହାଜ ଉଡ଼ି ପାରେ ନାହିଁ ମାତ୍ର ବାହାର ଆକାଶରେ ଉଡ଼ିପାରେ । ତେଣୁ ପ୍ରଭେଦ ହେଲା, ସୀମା ବଦ୍ଧତା । ବାହ୍ୟ ଆକାଶ ଅପରିସୀମ । କୋଠରୀ ଭିତରର ଆକାଶ ଚଟାଣ, ଝରିକାନ୍ଥ ଏବଂ ଛାତଦ୍ୱାରା ଆବଦ୍ଧ । ଏଣୁ ଏସବୁ ହେଲା ଉପାଧି । ଅଥଚ କୋଠରୀ ଭିତରର ଆକାଶ ଏବଂ ବାହାର ଆକାଶ ମଧ୍ୟରେ କୌଣସି ତାରତମ୍ୟ ନାହିଁ । ସେମାନେ ଉଭୟେ ସମାନ ଏବଂ ଏକ ।

ଠିକ୍ ଏହି ଦୃଷ୍ଟିରୁ ଜୀବାତ୍ମା ଏବଂ ପରମାତ୍ମା ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଏହି ଆତ୍ମତ୍ୱ ସମାନ । କେବଳ ଜୀବାତ୍ମାରେ ଆତ୍ମାତ୍ୱ ସୀମିତ । ତାହାର ଏକ ରୂପ ଥାଏ, ନାମ ଥାଏ ଯେପରି ଗୋଟିଏ କୋଠରୀରେ କବାଟ, ଝରକା ଛାତ ଇତ୍ୟାଦି ନାମ ଦିଆହୁଏ । ତେଣୁ ଏକ ଛୋଟ ପିମ୍ପୁଡ଼ିରେ ମଧ୍ୟ ସେହି ସମାନ ଚେତନାଶକ୍ତି

**Knowledge is virtue. Ignorance is vice.**
*..... Swami Sivananda Saraswati*

ବିଦ୍ୟମାନ୍ ଅଛି । ଏହା ଅତି ଅଳ୍ପ ସୀମାରେ ଆବଦ୍ଧ, କିନ୍ତୁ ପରମାତ୍ମାଙ୍କ କୌଣସି ସୀମା ନାହିଁ, ସର୍ବବ୍ୟାପକ, ଅକଳନୀୟ । ଏଣୁ ଉଭୟେ ମଠାକାଶ ଏବଂ ମହାକାଶ ସଦୃଶ ।

ଏହି ବିରାଟ ମହାକାଶରେ ସମସ୍ତ ବସ୍ତୁ, ସମଗ୍ର ଚନ୍ଦ୍ର, ତାରା, ଗ୍ରହ, ନକ୍ଷତ୍ର ଏବଂ ସୌରଜଗତ ଗୁଡ଼ିକ ଅର୍ନ୍ତଭୁକ୍ତ ଏବଂ ଅବସ୍ଥିତ। ଏହି ବିଶ୍ୱବ୍ରହ୍ମାଣ୍ଡର ସମଗ୍ର ବସ୍ତୁଗୁଡ଼ିକୁ ଏକତ୍ରିତ କରି ସେ ସମସ୍ତ ଅକାରର କୋଟି କୋଟି ଗୁଣିତକ ର ଆକାର କଳନାକଲେ ଯେଉଁ ପରିସୀମା ହେବ ତାହାଠାରୁ ମଧ୍ୟ ତୁମେ ମହାନ୍ କାରଣ ତୁମେହିଁ ସେହି ଜ୍ଞାନର ଅଧିକାରୀ । ତେଣୁ ତୁମ ମାନଙ୍କ ଅନ୍ତରରେ ଥିବା ସେହି ଆତ୍ମତ□୍ୱକୁ ଜାଣ । ଆତ୍ମଜ୍ଞାନ ପ୍ରାପ୍ତହୁଅ ଏବଂ ସବୁଦିନ ପାଇଁ ଜନ୍ମମୃତ୍ୟୁରୁ ମୁକ୍ତ ହୁଅ । ପୂଜ୍ୟ ଗୁରୁଦେବ ତଥା ଅନ୍ୟ ସମସ୍ତ ସାଧୁ ସନ୍ଥ ମାନଙ୍କ ଦିବ୍ୟ ପ୍ରେରଣାରେ ତୁମେମାନେ ଏହି ମର୍ମକୁ ହୃଦୟଙ୍ଗମ କର ଏବଂ ନିଜର ଏହି ଜୀବନକାଳ ମଧ୍ୟରେ ଜୀବନ୍ମୁକ୍ତ ହୁଅ । ଆମ ଗୁରୁଦେବ ସଦାବେଳେ କହନ୍ତି, "ଏହା ବ□ମାନ ଆରମ୍ଭ କର ଏବଂ ପ୍ରଭୁଙ୍କ ଆଶୀର୍ବାଦରେ ସଦାମୁକ୍ତ ହୋଇଯାଅ ।"

ଭଗବାନ ତୁମ୍ଭଙ୍କୁ ଆଶୀର୍ବାଦ କରନ୍ତୁ ।

ଅନୁବାଦ- ରବୀନ୍ଦ୍ରନାଥ ପ୍ରଧାନ

## UTILISE ALL THE SENSES IN HIS WORSHIP

Let your mind be fixed on the Lord,
Let your eyes behold the Lord,
Let your tongue praise the Lord,
Let your hands work for the Lord,
Let your feet perambulate around the Lord,
Let your ears hear the Lilas of the Lord,

*..... Swami Sivananda Saraswati*

## OBTAIN DIVINE GRACE

The degree of grace
Is in proportion to the degree of surrender.
Do total self- surrender
And obtain the divine grace:
This is the royal, blessed way
To supreme peace and eternal bliss.

*..... Swami Sivananda Saraswati*

# ଦର୍ପର ଖେଳ

ସ୍ୱାମୀ ଶିବାନନ୍ଦ ସରସ୍ୱତୀ

'ଯା' ଦେବୀ ସର୍ବଭୂତେଷୁ ଦର୍ପ ରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ।।

ପ୍ରଣାମ। ସର୍ବପ୍ରାଣୀଙ୍କ ହୃଦୟରେ ଯେ ଦର୍ପ ରୂପରେ ଅବସ୍ଥାନ କରନ୍ତି, ତାଙ୍କୁ ପ୍ରଣାମ। ଇଂରାଜୀ ଭାଷାର 'arrogance' ର ସଂସ୍କୃତ ଅର୍ଥ ହେଉଛି ଦର୍ପ। କୌଣସି ଗୋଟିଏ ବିଷୟର ଅଯଥା ଗୁରୁତ୍ୱ ଆରୋପ କରିବା ହେଉଛି ଦର୍ପ। ଗର୍ବର ସହ କୌଣସି ବିଷୟରେ ଅଯଥା ଦାବୀ କରିବା ହେଉଛି ଦର୍ପ। ଏହା ରାଜସିକ ଓ ତାମସିକ ଗୁଣର ସମ୍ମିଶ୍ରଣ। ଏହା ଅହଂକାର, ଔଦ୍ଧତ୍ୟ, ଅଭଦ୍ରତା ତଥା ଅତୀବ ଅସହନଶୀଳତା, ଧୃଷ୍ଟତା, ଅପରିଣାମ ଦର୍ଶିତାର ଏକ ସମ୍ମିଶ୍ରଣ। ଏହା ଅହଂକାରର ରୂପାନ୍ତର ଅଟେ । ଏହା ଆତ୍ମ ଅହଂକାର। ଅବିଦ୍ୟାରୁ ଦର୍ପର ସୃଷ୍ଟି। ମାୟା ଭ୍ରାନ୍ତ ଜୀବାତ୍ମାର ଦର୍ପ ମାଧ୍ୟମରେ ତାର ଲୀଳା ଖେଳା ଚାଲୁରଖେ।

ଏହାହିଁ ଦର୍ପ, ଯାହା ବୟସ୍କ ବ୍ୟକ୍ତିମାନଙ୍କସହ ମଣିଷ ଉଦ୍ଧତ ବ୍ୟବହାର କରେ, ବିଦୃପକରି ନାକ ଟେକେ ଏବଂ ଅସମ୍ମାନ ଜନକ ବ୍ୟବହାର କରେ।

ଜଣେ ଅନ୍ୟ ଜଣଙ୍କ ଉପରକୁ ଖାତା ବା ବହି ଫିଙ୍ଗି ରାଗରେ ଓ ଅସଭ୍ୟ ଭାଷାରେ କହିବା ହିଁ ଦର୍ପ।

ଜଣେ ଆଉ ଜଣକୁ ରାଗି କହେ , "ତୁମେ କଣ ଜାଣିନ ମୁଁ କିଏ ? ମୁଁ ତୁମର ଦାନ୍ତ ଉପାଡ଼ି ଦେବି, ତୁମର ଖପୁରୀ ଉଡ଼ାଇ ଦେବି, ତୁମର ରକ୍ତ ପିଇଯିବି" । ଏହା ହିଁ ଦର୍ପ।

ଆଉ ଜଣେ କହେ, "ମୁଁ କାହା କଥା ମାନି ଚଳେ ନାହିଁ। ବାଟ ମୋର ଅଲଗା। କେହି ମୋତେ କୌଣସି କଥା ପଚାରି ପାରିବେ ନାହିଁ। ମୁଁ କାହାରି କଥା ଅନୁସାରେ ନାଚିବି ନାହିଁ। କାହିଁକି ମୁଁ କାହା ପାଖକୁ ଯିବି ? କାହିଁକି ମୁଁ କାହା ଉପଦେଶ ମାନିବି ? ସେ କଅଣ ମୋଠୁଁ ବେଶି ଜାଣିଛି ? ସେ କିଏ ? ଆଦେଶ ଦେବାକୁ ତମେ କିଏ ? ପ୍ରଶ୍ନ କରିବାକୁ ତମେ କିଏ ?" ଏ ସବୁ ହେଉଛି ଦର୍ପ।

ଯେ କିଛି ଭାବେ ନାହିଁ, ଅନ୍ତର୍ଦର୍ଶନ କରେ ନାହିଁ, ଆତ୍ମ ବିଶ୍ଳେଷଣର ଅଭ୍ୟାସ ନାହିଁ, ସେ କହେ 'ମୋର ଟିକିଏ ମାତ୍ର ଦର୍ପ ନାହିଁ। ମୁଁ ନମ୍ର, ଭଦ୍ର ଓ ସଦୟ।' କିନ୍ତୁ ପରୀକ୍ଷାର ବେଳ ଆସିଲେ ସେ ନିରାଶ ହୁଏ; ହତାଶ ହୁଏ, ହଜାର ଥର ଅସଫଳ ହୁଏ। ବୟସର ବଳ ଓ ସାମର୍ଥ୍ୟ ଏପରି ଅଟେ।

ଜଣେ ସାଧକ ଅତି ଭଲ ସ୍ୱଭାବର। ସେ ଜ୍ଞାନୀ, ଶିକ୍ଷିତ, ଭଲ ଭାଷଣ ଦିଅନ୍ତି, ଏକାନ୍ତରେ ଘ□। ଘ□। ଧରି ଧ୍ୟାନ କରନ୍ତି। ତଥାପି ଦର୍ପଠାରୁ ସେ ମୁକ୍ତ ନୁହନ୍ତି। ତାଙ୍କ ଇଚ୍ଛା ବିରୁଦ୍ଧରେ କେହି ଯଦି ଯାଏ, ଯଦି କେହି ତାଙ୍କର କୁତ୍ସା ରଟନା କରେ, ଯଦି କେବେ ସେ ସମ୍ମାନୀତ ହୁଅନ୍ତି ନାହିଁ, ସେତେବେଳେ ସେ ଦର୍ପିତ ହୁଅନ୍ତି ଏବଂ ଅଭଦ୍ର ବ୍ୟବହାର କରନ୍ତି।

**When there is love, there is peace and harmony.**
*..... Swami Sivananda Saraswati*

ଦର୍ପ ବହୁ ପ୍ରକାରେ ପ୍ରକଟିତ ହୁଏ । କେହି ବ୍ୟକ୍ତି ନିଜର ଶାରୀରିକ ସାମର୍ଥ୍ୟ ପାଇଁ ଦର୍ପିତ ହୋଇ ପାରନ୍ତି । ସେ କହି ପାରନ୍ତି, ମୁଁ ତୁମକୁ ଏହିକ୍ଷଣି ଧକ୍କା ଦେଇ ବାହର କରିଦେବି । ତୁମେ ନିଜେ ନିଜେ ଚାଲିଯାଅ । ଆଉ କେହି ତାଙ୍କର ଧନ ସଂପ□, ପ୍ରତିଷ୍ଠା ଏବଂ ଶାନ୍ତି ଯୋଗୁଁ ଦର୍ପିତ ହୋଇ ପାରନ୍ତି । ଆଉ କେହି ତାଙ୍କର ଆତ୍ମିକ ସିଦ୍ଧି, ନୈତିକ ଗୁଣ, ଆଧ୍ୟାତ୍ମିକ ବିକାଶ, ସନ୍ୟାସ ଓ ମହତ ପଣିଆ ହେତୁ ଦର୍ପିତ ହୋଇ ପାରନ୍ତି ।

ଜଣେ ପୁରୁଷ ତାଙ୍କର ସ୍ତ୍ରୀ, ପୁତ୍ର, ସନ୍ତାନ ସନ୍ତତି, ସଂପ□, ପ୍ରତିଷ୍ଠା, ଧନ ଇତ୍ୟାଦି ତ୍ୟାଗ କରି ଥାଇ ପାରନ୍ତି । ହିମାଳୟର ଗୁମ୍ଫାରେ ଅନେକବର୍ଷ ରହି ଯୋଗାଭ୍ୟାସ କରିଥାଇ ପାରନ୍ତି, ତଥାପି ସେ ଦର୍ପ ତ୍ୟାଗ କରିବାକୁ କଷ୍ଟବୋଧ କରିଥାନ୍ତି । ସାମାନ୍ୟ ଉ□ଜିତ ହେବା ସମୟରେ ସେ ଦର୍ପ ଶକ୍ତିର ବଶୀଭୂତ ହୁଅନ୍ତି । କଅଣ ସେ କହୁଛନ୍ତି ତାହ ଜାଣି ପାରନ୍ତି ନାହିଁ, ତାପରେ ଅନୁତାପ କରନ୍ତି । ଜଣକୁ ଦର୍ପିତ କରିବା ପାଇଁ ଉ□ଜନା ଏକ ପ୍ରରୋଚନାକାରୀ ଶକ୍ତି ଅଟେ ।

ତୁମର ମନ, ବାଣୀ ଓ କର୍ମକୁ ସତର୍କତା ସହ ଲକ୍ଷ୍ୟ କର । ଶବ୍ଦବାଣ ଅତି ସତର୍କତା ସହ ପ୍ରୟୋଗ କର । ସମସ୍ତଙ୍କୁ ସମ୍ମାନ କର । ମଧୁର ଭାବେ କଥା କହ । ମାପିଚୁପି କଥା କହ । ସଦୟ ହୁଅ । ଧୈର୍ଯ୍ୟ, ପ୍ରେମ, ନମ୍ରତା ଅଭ୍ୟାସ କର । ଅନୁସନ୍ଧାନ କର । ମୌନ ପାଳନ କରିବା କିମ୍ବା ନୀରବ ରହିବା ପ୍ରତିଜ୍ଞା କର । ବାରମ୍ବାର ଜାଣି ରଖ, 'ଏହି ପଦ ଅନିତ୍ୟ, ମୁଁ ଦର୍ପିତ ହୋଇ କି ଲାଭ ପାଇବି' । ବିପରୀତ ଗୁଣ, ନମ୍ରତାର ପ୍ରାଚୁର୍ଯ୍ୟ ସମ୍ବନ୍ଧରେ ଚିନ୍ତା କର ।

ଶତବାର ତୁମେ ଅସଫଳ ହୋଇପାର । ପୁଣି ସଜାଗ ହୁଅ । ତୁମର ପ୍ରତିଷ୍ଠାକୁ ଦୃଢ଼ କର । ମୁଁ ଗତକାଲି ଅସଫଳ ହୋଇଛି, ଆଜି ନମ୍ର, ସଦୟ ଓ ଧୈର୍ଯ୍ୟଶୀଳ ହେବି । ଧୀରେ ଧୀରେ ତୁମର ଇଚ୍ଛାଶକ୍ତିର ବିକାଶ ଘଟିବ । ଶାନ୍ତି, ଭକ୍ତି ଓ ଜ୍ଞାନର ଶତ୍ରୁ ଦର୍ପ ଉପରେ ତୁମେ ବିଜୟୀ ହେବ ।

ସଜାଗ ଓ ସତର୍କ ରହିବା ସ□େ ତୁମେ 'ଦର୍ପ' ର ଫଣା ଟେକି ବାରମ୍ବାର 'ମୁଁ' 'ମୁଁ' କରିବାରେ ଲାଗିବ । ବିବେଚନାର ଦଣ୍ଡ ଉ□ଳନ କର । ନମ୍ରତାର ଖଣ୍ଡା ଟେକି ଧର ଏବଂ ତା'ର ଫଣାରେ ପ୍ରହାର କର । ରକ୍ତବୀର୍ଯ୍ୟ ପରି ଦର୍ପ ବହୁ ମୁଣ୍ଡ ବିଶିଷ୍ଟ ଏକ ଅସୁର । ସେ ଦେବୀଙ୍କ ସହ ସଂଗ୍ରାମ କରିଥିଲା । ସେ ପୁଣି ବହୁଶିର ସୃଷ୍ଟି କରିପାରିବ । ଅଧିକ ତେଜ ଓ ଓଜ ଶକ୍ତି ସହ ତୁମର ସଂଗ୍ରାମ ଜାରୀ ରଖ । ପ୍ରାର୍ଥନା, ଧ୍ୟାନ, ଅନୁସନ୍ଧାନ, ବ୍ରହ୍ମଚିନ୍ତନ, ଆତ୍ମ ସଂଯମ, ଜପ, କୀ□ନ, ପ୍ରାଣାୟାମ ସମନ୍ୱିତ କରି ଅଭ୍ୟାସ କର । ସମନ୍ୱୟ ଯୋଗ ଅଭ୍ୟାସ କର । ସଂପୂର୍ଣ୍ଣଭାବେ ଦଗ୍ଧ ହୋଇ ଦର୍ପ ପାଉଁଶ ହୋଇଯିବ ।

ଜଣେ ଦର୍ପୀ ବ୍ୟକ୍ତି ପର୍ବତ ଗୁମ୍ଫା ଅଥବା ଘରେ ରହିଲେ ମଧ୍ୟ ଏହି ବୃ□ ନିବାରଣ କରିବା ପାଇଁ ସୁବିଧା ମିଳି ନ ଥାଏ । ତାହା, ତା'ର ମନରେ ଲାଖି ରହିଥାଏ ଓ ତାକୁ ହଇରାଣ କରେ । ବିଭିନ୍ନ ମାନସିକ ବୃ□ସଂପନ୍ନ

**Desire is poverty. Desire is imperfection, Desire is death.**

*..... Swami Sivananda Saraswati*

ବ୍ୟକ୍ତିଙ୍କ ସହିତ ଜଣେ ସାଧକକୁ ମିଳାମିଶା କରିବାକୁ ହୁଏ। ସେମାନଙ୍କ ଭାବଧାରାକୁ ଜଗିରଖି ଚଳିବାକୁ ହୁଏ। ସମୟ ସମୟରେ ଅସଦ୍ ବ୍ୟବହାର, ଅସମ୍ମାନ ଓ ଉତ୍ପୀଡ଼ନ ସହିବାକୁ ହୁଏ। ସବୁଠାରେ, ଏପରିକି ଖରାପ ପରିସ୍ଥିତିରେ ମଧ୍ୟ ଏହି ଭୟଙ୍କର ଶତ୍ରୁକୁ ନିବାରଣ କରିବାକୁ ସକ୍ଷମ ହେବ । ଯଦି ଆମେ ଶାନ୍ତ, ପ୍ରଶାନ୍ତ ଓ ନମ୍ର ହେଉଁ ।

ଯେ ଯେତିକି ବେଶୀ ପାଠ ପଢ଼ିଥାଏ ସେ ଦର୍ପର ସେତେ ବେଶୀ ଶୀକାର ହେବାର ସମ୍ଭାବନା ଥାଏ। ଯା'ର ପଦବୀ ଯେତେ ବଡ଼, ତା'ର ଦର୍ପ ମଧ୍ୟ ସେତିକି ପରିମାଣରେ ବୃଦ୍ଧି ଘଟିପାରେ।

ସମସ୍ତେ ଏହି ମନ୍ଦ ଗୁଣରୁ ମୁକ୍ତ ହୁଅ। ଏହି ଦର୍ପ ରାକ୍ଷସକୁ ନମ୍ରତା, ଧୈର୍ଯ୍ୟ, ଦୟା, ପ୍ରେମ ଦ୍ୱାରା ଜୟ କର। ଶାଶ୍ୱତ, ଆନନ୍ଦ ଓ ଅମରତ୍ୱ ଲାଭ କର।

ଭାଷାନ୍ତର-**ନୀଳମାଧବ ସାହୁ**

## CULTIVATE ANANYA BHAKTI

Ananya Bhakti is single-minded devotion to the Lord,
Bhakti Yoga is the easiest path to God-realisation,
Madhurya Bhav is the highest culmination of Bhakti,
Viraha is intense pain caused by the separation of the Lord.
That is felt by the sincere devotees.
Cultivate Ananya Bhakti And live in the Divine.

***..... Swami Sivananda Saraswati***

---

## RAM NAM IS ALL

Sri Rama Rama Rameti
Rame Rame Manorame,
Saharanama Tattulyam
Rama Nama Varanane.

"O beautiful one ! the repetition of *Sri Rama Rama Rama*, the captivating name is equal to the repetition of Sahasranama (one thousand Names of the Lord)" said Lord Siva to Parvati.

***..... Swami Sivananda Saraswati***

## ରାଜା ଓ ଜ୍ୟୋତିଷ

**ସ୍ୱାମୀ ଶିବାନନ୍ଦ ସରସ୍ୱତୀ**

ଥରେ ଜଣେ ରାଜା ଏକ ଜ୍ୟୋତିଷବିତ୍‌ଙ୍କୁ ଡ଼କାଇ ଜନ୍ମକୁଣ୍ଡଳୀ ପରଖି, ତାଙ୍କର ଭବିଷ୍ୟତ ବିଷୟରେ ଗଣନା କରିବା ପାଇଁ କହିଲେ । ଜ୍ୟୋତିଷୀ ଶାସ୍ତ୍ରାନୁଯାୟୀ ଗଣନା କରିବାପରେ ପଣ୍ଡିତ ଉ□ର ଦେଲେ, "ମହାରାଜ, ଆପଣଙ୍କର ସମସ୍ତ ଆତ୍ମୀୟ ସ୍ୱଜନ ଆପଣଙ୍କ ପୂର୍ବରୁ ମୃତ୍ୟୁ ବରଣ କରିବେ । ଆପଣ ନିଜ ହାତରେ ସେମାନଙ୍କର ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ କରିବେ ।" ଏହା ଶୁଣି ରାଜା ଖୁବ ରାଗିଗଲେ । କାରଣ ସେ ତାଙ୍କ କୁଟୁମ୍ବ ଲୋକଙ୍କୁ ଆନ୍ତରିକ ସହ ଭଲ ପାଉଥିଲେ । ପଣ୍ଡିତଙ୍କ କଥା ସେ ସହ୍ୟ କରି ପାରିଲେ ନାହିଁ ଓ ସଙ୍ଗେ ସଙ୍ଗେ ଉକ୍ତ ଗଣକକୁ ଆଜୀବନ କାରାଦଣ୍ଡ ଆଦେଶ ଦେଲେ ।

ତାପରେ ରାଜା ଅନ୍ୟ ଏକ ଜ୍ୟୋତିଷଙ୍କୁ ତାଙ୍କର ଜନ୍ମକୁଣ୍ଡଳୀ ଗଣନା କରିବାପାଇଁ ଡ଼କାଇଲେ । ଦ୍ୱିତୀୟ ଜ୍ୟୋତିଷ ଜଣେ ଚତୁର ବ୍ୟକ୍ତି ଥିଲେ । ରାଜାଙ୍କ ଜାତକ ଗଣନା କରି ଦେଖିଲେ ଯେ ପ୍ରଥମ ପଣ୍ଡିତଙ୍କ ଗଣନା ପୂରାପୁରି ଠିକ୍ ଥିଲା । ସେ ରାଜାଙ୍କୁ ଖୁସି କରିବା ପାଇଁ କହିଲେ, "ମହାରାଜ, ଆପଣ ଖୁବ୍ ଦୀର୍ଘାୟୁ ହେବେ । ଆପଣ ନିଜେ ସମସ୍ତ କୁଟୁମ୍ବବର୍ଗଙ୍କଠାରୁ ଅଧିକ କାଳ ବ□ ରହିବେ ।" ରାଜା ଏହା ଶୁଣି ଖୁବ୍ ଖୁସି ହୋଇଗଲେ ଏବଂ ଉକ୍ତ ଜ୍ୟୋତିଷଙ୍କୁ ଅନେକ ମୂଲ୍ୟବାନ୍ ଜିନିଷ ଉପହାର ଦେଲେ । ପ୍ରଥମେ ଜ୍ୟୋତିଷ କହିବା ଅର୍ଥ ଯାହା, ଦ୍ୱିତୀୟ ଜ୍ୟୋତିଷ ସେଇଆହିଁ ବିଚକ୍ଷଣତାର ସହ କହିଲେ ।

ତେଣୁ ସତ୍ୟ କହିବା ବେଳେ ମଧ ମଧୁର ଓ ବିନୟ ସହକାରେ କହିବା ଉଚିତ । କଥା କହିବା ବେଳେ ଅନ୍ୟମାନଙ୍କ ମନରେ ଯେପରି ଆଘାତ ନ ଲାଗେ, ତାକୁ ଧ୍ୟାନ ଦେବା ବିଜ୍ଞତାର ପରିଚୟ । ଅନ୍ୟର ମନରେ ଆଘାତ ହେଉଥିବା କଥା ସତ୍ୟ ହୋଇଥିଲେ ମଧ ଅସତ୍ୟ ରୂପେ ପରିଗଣିତ ହୋଇଥାଏ । ସଦାବେଳେ କଥା ସତ୍ୟ, ମଧୁର ଓ ହିତକର ହେବା ବିଧେୟ ।

ଅନୁବାଦ- **ଡ଼ଃ ବନମାଳୀ ପ୍ରଧାନ**

**LOVE ALL**

Be kind to all. Love all. Serve all. Be generous and tolerant towards all. Serve the Lord in all. See the Lord in the poor, the down-trodden and the oppressed and serve them with Narayana Bhav. The Lord will be highly pleased with you. You will attain immortality.

*...... Swami Sivananda Saraswati*

# ଜୀବନ ମୁକ୍ତ

(ବିଚାର ବିନ୍ଦୁ ଉପନିଷଦ)

ସ୍ୱାମୀ ଶିବାନନ୍ଦ ସରସ୍ୱତୀ

ଆତ୍ମବିଦ୍ୱୌ   ଜୀବନ୍ମୁକ୍ତଃ   ସ   ସର୍ବାବସ୍ଥାସୁ   ଶାନ୍ତଃ ।
ସ ସର୍ବଥା ନିଃସ୍ପୃହଃ ସର୍ବତ୍ରାନାସକ୍ତଃ ସ ଶିଶୁଖି ସଂଚରିତ ।
ଦେହେ ନିର୍ଧୁତାହଂ ଭାବସ୍ୟ ତାଦୃଶସ୍ୟକୁତ ଆସକ୍ତିରନାସକ୍ତିର୍ବା ।

(ମନ୍ତ୍ର = ୧ ୨)

ତ□ଦର୍ଶୀ ବା ମୁକ୍ତାତ୍ମାଠାରେ ମନର ଭାରସାମ୍ୟ ରହେ । ଏହା ଜୀବନ୍ମୁକ୍ତ ପୁରୁଷର ଏକ ବିଶିଷ୍ଟ ଚିହ୍ନ । ମନର ସ୍ୱରୂପ ନାଶ ଜୀବନ୍ମୁକ୍ତଠାରେ ଥାଏ । ତାଙ୍କଠାରେ ରାଜସ ଏବଂ ତାମସ ଗୁଣ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଥାଏ । ରାଜସ ଗୁଣରୁ ଆସକ୍ତି ଜାତ ହୁଏ । ତେଣୁ ଏକ ତ□ଦର୍ଶୀ, ଯେ କି ରାଜସ ଗୁଣକୁ ସମ୍ପୂର୍ଣ୍ଣ ଭାବରେ ମାରି ଦେଇଛନ୍ତି; ତାଙ୍କଠାରେ ଆସକ୍ତି ଜାତ ହେବ କିପରି ? ପୁନଶ୍ଚ ଏପରି ଏକ ମୋକ୍ଷପ୍ରାପ୍ତ ପୁରୁଷ ଯେ କି ସଦାସର୍ବଦା ନିଜ ସ୍ୱରୂପ ବା ଆତ୍ମାରେ ସ୍ଥିତ, ତାଙ୍କଠାରେ ଅହଂକାର ଅବା ଜାତ ହେବ କିପରି ? ପରମାତ୍ମା ଯେ କି ଅସୀମ, ସ୍ୱୟଂ ସମ୍ପୂର୍ଣ୍ଣ ଏବଂ ସବୁଦିଗରୁ ପରିପୂର୍ଣ୍ଣ ତାଙ୍କଠାରେ ଜୀବନ୍ମୁକ୍ତ ସ୍ଥାୟୀ ଭାବରେ ରହେ । ତେବେ ଏପରି ଜୀବନ୍ମୁକ୍ତଠାରେ କାମନା ଜାତ ହେବ କିପରି ? ଇନ୍ଦ୍ରିୟର ବିଷୟ ସମୂହକୁ ସେ ଜୟ କରିଥାନ୍ତି ।

ଜୀବନ୍ମୁକ୍ତ ଯେ କି ବ୍ରହ୍ମରେ ସ୍ଥିତ ରହି ଶାନ୍ତି ଉପଭୋଗ କରୁଥାନ୍ତି, ସେ ନାତ ସମାଜ ଆଡ଼କୁ ଧାଆନ୍ତି କିମ୍ବା ବନଗମନ କରନ୍ତି । ସମାଜରେ ରହିବା କିମ୍ବା ନିରୋଳାରେ ବସବାସ କରିବା ତାଙ୍କ ପକ୍ଷରେ କିଛି ପାର୍ଥକ୍ୟ ନାହିଁ । ସେ ଯେ କୌଣସି ସ୍ଥାନରେ ବା ଯେ କୌଣସି ପରିସ୍ଥିତିରେ ଖୁସିରେ ରହନ୍ତି । ସେ ତାଙ୍କ ଖୁସି ପାଇଁ ବାହ୍ୟ ବିଷୟ ଉପରେ ନିର୍ଭର କରନ୍ତି ନାହିଁ । ସେ ସମ୍ପୂର୍ଣ୍ଣ ମାତ୍ରାରେ ସନ୍ତୁଷ୍ଟ ରହନ୍ତି । ସେ ଅମୃତ ପାନ କରି ଅମୃତ□ ଲାଭ କରନ୍ତି । ଏହା 'ମୁଁ' ଅବା ଏହା 'ମୁଁ ନୁହେଁ ', ଏହା 'ମୋର' ବା 'ଏହା ମୋର' ନୁହେଁ, ଏ ପ୍ରକାରର ଧାରଣା ଜୀବନ୍ମୁକ୍ତଙ୍କୁ ପ୍ରଭାବିତ କରିପାରେ ନାହିଁ । ସେ ମୌନ ରହନ୍ତି । କାରଣ ସବୁକିଛି ବ୍ରହ୍ମ । ତାଙ୍କଠାରେ ଆନମନା ବା ସ୍ଥିରମନା, ସୁଖ ବା ଦୁଃଖ, ଭଲ ବା ମନ୍ଦ, କ୍ଷତି ବା ଲାଭ ବୋଲି କିଛି ନାହିଁ । ତାଙ୍କ ପକ୍ଷରେ ରାଜ୍ୟ ଶାସନ ଅବା ଦ୍ୱାର ଦ୍ୱାର ବୁଲି ଦାଣ୍ଡରେ ଭିକ୍ଷା କରିବା ମଧ୍ୟରେ କିଛି ପାର୍ଥକ୍ୟ ନାହିଁ । ସେ ଯେପରି ପରିସ୍ଥିତି ଆସୁନା କାହିଁକି ତାକୁ ଗ୍ରହଣ କରି ନିଅନ୍ତି । ତାଙ୍କର କିଛି କରିବାର ନ ଥାଏ । ସେ କୌଣସି ବସ୍ତୁପ୍ରତି ଲାଳାୟିତ ନୁହନ୍ତି ।

ଜୀବନ୍ମୁକ୍ତଃ ବିତାଶକ୍ତିଃ ଉଦ୍ୱେକରହିତୋ ନିଃସ୍ପୃହୌ
ନିରାଶଂ  ସଃ  ସର୍ବବନ୍ଧମୁକ୍ତଃ  ସର୍ବସଙ୍ଗରହିତଃ ପ୍ରମୋଦତେ ।। (ମନ୍ତ୍ର = ୧୩)

**As the flower unfolds its petals to the light of sun, unfold the petals of thy heart to the light of the Lord.**

*..... Swami Sivananda Saraswati*

ତ□୍ୱଦର୍ଶୀ, ଯାହାର ମୁଁ କାର ଓ ମମତ୍ୱ ଅପସରି ଯାଇଛି, ଯେ କି କାମିନୀ ଓ କା□ନ ଦେଖି ବିଚଳିତ ନୁହନ୍ତି, ଯିଏ ସୁନା, ମାଟି ଓ ପ୍ରସ୍ତରକୁ ସମ ମଣନ୍ତି, ଯେ କି ହୃଦୟର ଗ୍ରନ୍ଥିତ୍ରୟକୁ ଛିନ୍ନ କରିଦେଇଛନ୍ତି, ସେ ସର୍ବଦା ସୁଖି ରହନ୍ତି। ତାଙ୍କଠାରେ କୌଣସି ସମସ୍ୟା ବା ଉତ୍କଣ୍ଠା ବୋଲି କିଛି ନ ଥାଏ, କାରଣ ସେ ଆତ୍ମ ସଂଯତ, ପ୍ରୟୋଗାତ୍ମକ ଜ୍ଞାନରେ ଯୁକ୍ତ, ଆତ୍ମତୁଷ୍ଟ, ଆଶା ତଥା କାମନା ରହିତ ଏବଂ ସବୁ ବସ୍ତୁ ତାଙ୍କଦ୍ୱାରା ଆତ୍ମଜ୍ଞାନାଲୋକରେ ଦୃଷ୍ଟ । ଜୀବନ୍ମୁକ୍ତ ସେ ଯେ କି ଜୀବଦ୍ଦଶାରେ ମୁକ୍ତ। ସେପରି ଉଦାସୀନ ପୁରୁଷଙ୍କୁ କୌଣସି ଭାଷାରେ ବର୍ଣ୍ଣନା କରାଯାଇ ପାରିବନାହିଁ। ସେ ଅନ୍ତସ୍ଥ ଆତ୍ମାରେ ସନ୍ତୁଷ୍ଟ ତଥା ପୂର୍ଣ୍ଣମାତ୍ରାରେ କାମନା ରହିତ ଅଟନ୍ତି। ଏପରି ତ□୍ୱବିତ୍ ଅତୁଳନୀୟ, ସମସ୍ତ ଆସକ୍ତିରୁ ମୁକ୍ତ, ଶାନ୍ତ, ସଂକଳ୍ପ ଓ ବିକଳ୍ପ ରହିତ ଏବଂ ସେ ପ୍ରଶାନ୍ତ ମନା ଅଟନ୍ତି।

ସେ ସ୍ୱାଧୀନ ଭାବରେ ଓ ନିର୍ଭୟରେ ବିଚରଣ କରନ୍ତି। ତାଙ୍କର ମିତ୍ର ବା ଶତ୍ରୁ କେହି ନଥାନ୍ତି। ତାଙ୍କର ବନ୍ଧୁବାନ୍ଧବ ବା ହିତାକାଂକ୍ଷୀ ବୋଲି କେହି ନ ଥାନ୍ତି। ସାଂସାରୀକ ବସ୍ତୁ ପ୍ରାପ୍ତିରେ ଖୁସି ନୁହନ୍ତି କିମ୍ବା ସେ ସବୁର ହାନୀରେ ଦୁଃଖୀ ନୁହନ୍ତି। ତାଙ୍କର ସମସ୍ତ ଇନ୍ଦ୍ରିୟଗଣ ପୂର୍ଣ୍ଣମାତ୍ରାରେ ନିୟନ୍ତ୍ରଣାଧୀନ। ସେ ମାନାପମାନର ଊର୍ଦ୍ଧ୍ୱରେ । ସେ  ସର୍ବତ୍ର ପୂଜିତ। ସୁଖ ଓ ଦୁଃଖରେ ସେ ସ୍ଥିର।

ତାଙ୍କର ଦୃଷ୍ଟି ସଂସାର ଆଡ଼କୁ ପ୍ରତୀୟମାନ ହେଉଥିଲେହେଁ, ଯଥାର୍ଥରେ ତାହା ନୁହେଁ, କାରଣ ତାଙ୍କଠାରେ ଅହଂକାର ଓ ଆସକ୍ତି ନ ଥାଏ। ସେ ସୁଖୀ କିମ୍ବା ଅସୁଖୀ ନୁହନ୍ତି। ସେ ପ୍ରସନ୍ନ ଥିଲେହେଁ, ପ୍ରସନ୍ନ ନୁହନ୍ତି କି ଅପ୍ରସନ୍ନ ଥିଲେହେଁ ଅପ୍ରସନ୍ନ ନୁହନ୍ତି। ତାଙ୍କର ଏହି ଆଶ୍ଚର୍ଯ୍ୟଜନକ ସ୍ଥିତିକୁ ତାଙ୍କଭଳି ଜୀବନ୍ମୁକ୍ତ ପୁରୁଷହିଁ ଜାଣନ୍ତି।

ଭାଷାନ୍ତର- ନେତ୍ରଭାନୁ ପ୍ରଧାନ

## THE KEY OF OM

Behold, He Saumya !
I give unto thee a key-
The key of OM imperishable;
You can open
The door of immortal bliss.
You have eyes
And yet you see not;
You have ears
And yet you hear not;
You have tongue
And yet you speak not.
Follow thou me,
Be true, be sincere,
Sing OM, chant OM,
Do Japa of OM,
Meditate on OM,
Rest in OM.

*..... Swami Sivananda Saraswati*

# ସବୁ ବାଧାବିଘ୍ନ ଅତିକ୍ରମ କର

ସ୍ୱାମୀ ଶିବାନନ୍ଦ ସରସ୍ୱତୀ

ପଳାୟନବାଦ ସାହାଯ୍ୟ କରେ ନାହିଁ। ଆମେ ଆମର କ□ବ୍ୟ ଆନନ୍ଦ ସହକାରେ କରିବା ଉଚିତ। ଏହି ନୀତିବାକ୍ୟକୁ ବୁଝାଇବାକୁ ଯାଇ ହାସ୍ୟରୋଳ ମଧ୍ୟରେ ସ୍ୱାମୀଜୀ କହିଲେ "ଜଣେ ଗର୍ଭବତୀ ମହିଳା ଗର୍ଭକଷ୍ଟ ପାଇ ଅତି ଉଚ୍ଚ ସ୍ୱରରେ କାନ୍ଦୁଥିଲେ। ତାଙ୍କ ସ୍ୱାମୀ ଧୀରେ ଯାଇ ତାଙ୍କୁ ସେଥିରୁ ନିବୃତ ହେବାପାଇଁ ଚେଷ୍ଟା କଲେ ଓ କହିଲେ ହେ ପ୍ରିୟେ, ତୁମେ ଏଥିପାଇଁ ଯେତେ କାନ୍ଦିଲେ ମଧ୍ୟ କେବଳ ତୁମକୁ ହିଁ ସନ୍ତାନ ଜନ୍ମ କରିବାକୁ ହେବ।" ଏବଂ ସେ ତାହା ଶୁଣି ଶାନ୍ତ ହେଲେ ଏବଂ ବିନା ପାଟିତୁଣ୍ଡରେ ସନ୍ତାନ ଜନ୍ମ ଦେଲେ।

ଏହି ନୀତିବାକ୍ୟକୁ ବୁଝାଇବାକୁ ଆହୁରି ଗୋଟିଏ ଗଳ୍ପର ଅବତାରଣା କରାଯାଏ ବୋଲି ସ୍ୱାମୀଜୀ କହିଲେ। "ଥରେ ଗୋଟିଏ ବଳଦ ତାର ମାଲିକର ବ୍ୟବହାରରେ ବିରକ୍ତ ହୋଇଗଲା। ସେ ଭାବିଲା ମୁଁ କେତେ ଦିନ ଧରି ଆଉ ଏହି ମାଲିକର ଜମିରେ ହଳ ବୁଲାଇବି। ସେ ପଳାଇଗଲା। କିଛି ମାଇଲ ଗଲାପରେ ସେ ଅନ୍ୟ ଗୋଟିଏ ଜମିରେ ପହ□ିଲା। ଦୁର୍ଘଟଣା ବଶତଃ ସେଠାରେ ଥିବା ଋଷୀର ବଳଦମାନଙ୍କ ମଧ୍ୟରୁ ଗୋଟିଏ ଆଘାତ ପ୍ରାପ୍ତ ହୋଇ ହଳ କରିବାକୁ ଅକ୍ଷମ ହୋଇ ପଡ଼ିଥିଲା। ଏହି ବଳଦଟିକୁ ଗୋଟିଏ ଗଛର ଛାଇରେ ଠିଆ ହୋଇଥିବା ଦେଖି ଚାଷୀଟି ସାଙ୍ଗେ ସାଙ୍ଗେ ଧରି ନେଇଗଲା ଏବଂ ଲଙ୍ଗଳର ଜୁଆଡ଼ିରେ ବାନ୍ଧିଦେଲା ବଳଦଟି ନିରବ ଭାବରେ ଜମିରେ ହଳକରିବାକୁ ଏବଂ ଭାବିଲା କ□ବ୍ୟରୁ ମୁକ୍ତି ନାହିଁ।"

"ଏକ ସଂବେଦନଶୀଳ ଅର୍ନ୍ତବସ୍ତ୍ର (Under Wear) ଏହିପରି ଅନୁଭବଥିଲା । ସେ ମାଲିକର ବ୍ୟବହାରରେ ବିରକ୍ତି ପ୍ରକାଶ କଲା ଓ କ୍ରୋଧାନ୍ୱିତ ହେଲା । ଏହା ଏଡ଼ାଇବାକୁଯାଇ ସେ ତାକୁ ଶୁଖାଇବାର ସ୍ଥାନରୁ ଉଡ଼ିଗଲା ଏବଂ ଅନେକ ମାଇଲ ଦୂରରେ ଗୋଟିଏ ଘରର ଅଗଣାରେ ଥିବା ଗଛରେ ଲାଗିଲା । ସେହି ଘରେ ରହୁଥିବା ଜଣେ ଗରିବ ଲୋକ ତାକୁ ପାଇଲା ଏବଂ ନିଜକୁ ସେଥିପାଇଁ ଧନ୍ୟ ମନେକରି ସେହି ଅର୍ନ୍ତବସ୍ତ୍ରକୁ ବ୍ୟବହାରରେ ଲଗାଇଲା । ତାର ଏହିପରି ଅନ୍ୟ ଅର୍ନ୍ତବସ୍ତ୍ର ନ ଥିବାରୁ ଏହାକୁ ସବୁବେଳେ ବ୍ୟବହାର କରି ତାର ପୂର୍ଣ୍ଣ ସଦୁପଯୋଗ କଲା" ।

କେହି ତାର କ□ବ୍ୟକୁ ଏଡ଼ାଇଦେଇ ସେଥିରୁ ଲାଭବାନ ହୋଇ ପାରିବ ନାହିଁ। ସର୍ବଜ୍ଞାତା-ଭଗବାନଙ୍କୁ ଠକିଦେଇ ହେବ ନାହିଁ । ତୁମେ ଯଦି ନିଜ କ□ବ୍ୟରୁ ଗୋଟିଏ ଜାଗାରେ ଖସିଯିବ, ତାହା ତୁମେ ଯେଉଁଠାକୁ ମଧ୍ୟ ଯିବ ସେଠାରେ ତୁମକୁ ଅପେକ୍ଷା କରି ରହିଥିବ ।

ଭାଷାନ୍ତର- ଶ୍ରୀ ଅଚ୍ୟୁତାନନ୍ଦ ମହାପାତ୍ର

## ATTAIN IT BY TRUTH

*Satyena labhyastapasa hyesha atma Samyag-Jnanena brahmacharyena nityam.*
*Antah sarire jyotirmayo hi subhro Yam pasyanti yatayah kshina doshah.*

This Atman is to be verily obtained by the constant practice of truth, penance, perfect knowledge and by abstinence. He, whom the sinless behold, is the pure and effugent within the body.

***..... Swami Sivananda Saraswati***

# ଶିବାନନ୍ଦ ଅଷ୍ଟକମ୍

ଅଦ୍ୱୈତାନନ୍ଦ ବୋଧାୟ କୈବଲ୍ୟ ସୌଖ୍ୟକାରିଣେ ।.
ଆଚାର୍ଯ୍ୟ ଯୋଗ-ବେଦାନ୍ତକାନନସ୍ୟ ନମୋଽସ୍ତୁତେ ।।

ଇହ ସନ୍ତାପନାଶାୟ ଯୋଗଯୁକ୍ତାୟ ଯୋଗିନେ ।.
ଈଶ୍ୱରାସକ୍ତ ଚି□ାୟ ଶିବାନନ୍ଦାୟ ତେ ନମଃ ।।

ଉପାସ୍ୟାଃ କୃତୟସ୍ତେ ହି ଦିବ୍ୟ ଜୀବନଦାୟିକାଃ ।.
ଊର୍ଜଃସ୍ୱଲେ ହି ରାଷ୍ଟ୍ରେଽସ୍ମିନ୍ ଶିବାନନ୍ଦାୟ ତେ ନମଃ।।

ଋଷିଣା□ ପ୍ରସାଦେନ ସାର୍ଥକ□ାସ୍ତୁ ଜୀବନମ୍ ।.
ଋକାରେଣ ସୁଖାରାମଦାୟିନେ ଶିରସା ନମଃ ।।

ଌଶଂ ତତୋନୁ ତେ ବାଣୀ ହ୍ୟବିଦ୍ୟାଗ୍ରନ୍ଥି ନାଶିନୀ ।.
ଌମତେ ସମଭାବାୟ ଶିବାନନ୍ଦାୟ ତେ ନମଃ ।।

ଏକନିଷ୍ଠମତିଂ ଦଦ୍ୟାତ୍ ତ୍ରିଶତଂ ପୁସ୍ତକଂ ତବ ।.
ଐକ୍ୟ ସଂରକ୍ଷକାଚାର୍ଯ୍ୟ ଶିବାନନ୍ଦାୟ ତେ ନମଃ ।।

ଓଁ ଯସ୍ୟୈବୋପଦେଶାଦ୍ ବିଜ୍ଞାୟତେ ବୋଧ ଆତ୍ମନଃ ।.
ତଂ ବନ୍ଦେଽହଂ ଶିବାନନ୍ଦଂ ହ୍ୟଖଣ୍ଡାନନ୍ଦବିଗ୍ରହମ୍ ।।

ଔଷ୍ୟଧଞ୍ଚସ୍ୟ ସଂସାରଶୋକରୋଗସ୍ୟ ଧୀମତଃ ।.
ଅମରାଶୀ ର୍ଗୁରୋର୍ଦଦ୍ୟାଦ୍ ବରାଭୟମହର୍ନିସମ୍ ।।

**ରବୀନ୍ଦ୍ର ନାଥ ଗୁରୁଃ**
ପଦ୍ମପୁରମ୍ (ବରଗଡ଼ ମଣ୍ଡଲମ୍)

**Die to matter and be born in the Spirit.**
*..... Swami Sivananda Saraswati*

# ଶିବାନନ୍ଦ ଦର୍ଶନ

ଓଁ ଶିବାନନ୍ଦାୟ ବିଦ୍ମହେ
ସଦାନନ୍ଦାୟ ଧୀମହି
ସନଃ ପରାନନ୍ଦଃ ପ୍ରଚୋଦୟାତ୍
ଦିବଜ୍ଞାନ ସୁଧା ପ୍ରସାରକୁଶଳୋ
ଦିବ୍ୟାତ୍ମବାନ୍ ଶାନ୍ତଧୀଃ
ସତ୍ୟାନନ୍ଦଧନୋ ବିଶାଳହୃଦୟୋ
ବେଦାନ୍ତ ବିଦ୍ୟାନିଧିଃ
ସଂସାରାବ୍ଧିନିମଗ୍ନ ଦୁଃସ୍ଥଜନତା
ସେବାପ୍ରିୟଶ୍ଚିନ୍ମୟଃ
ସ୍ୱାମୀ ଯୋ ବିଦିତୋଽତ୍ରବୈ ଶିବସମ
ସ୍ତଂ ନୌମି ନିତ୍ୟଂ ଶିବମ୍ ।

ଅମରାତ୍ମା ଶରୀରୀ ଅମରାନନ୍ଦ ଲାଭ କରିବାକୁ ସତତ ବ୍ୟାକୁଳ। କିନ୍ତୁ ଅମର ଶାନ୍ତି କାହିଁ ? ନଶ୍ୱର ସଂସାରୀ ଅବିନଶ୍ୱର ସୁଖ ପାଇ ପାରିବ କିପରି ? ଅବିଦ୍ୟାଗ୍ରନ୍ଥି ଛିନ୍ନ ନ ହେବା ପର୍ଯ୍ୟନ୍ତ ଦୁଃଖ ଦୁର୍ଦ୍ଦଶାର ଅନ୍ତ କାହିଁ ?

ପୁରୁଷ ଏବ ଇଦଂ ବିଶ୍ୱଂ
କର୍ମ ତପୋ ବ୍ରହ୍ମପରାମୃତମ୍
ଏତଦ୍ ଯୋ ବେଦ ନିହିତଂ ଗୁହାୟାଂ
ସୋଽବିଦ୍ୟାଗ୍ରନ୍ଥିଂ ବିକିରତୀହ ସୋମ୍ୟ

(ମୁଣ୍ଡକୋପନିଷଦ୍)

ଏହି ସମଗ୍ର ବିଶ୍ୱ ହିଁ ପୁରୁଷ (spirit), କର୍ମ, ତପସ୍ୟା, ବ୍ରହ୍ମ, ପରମାମୃତ। ହେ ସୌମ୍ୟ ଯେ ଏହି ଗୁହାନିହିତ ବ୍ରହ୍ମ ପୁରୁଷଙ୍କୁ ଜାଣି ପାରନ୍ତି ସେ ଅବିଦ୍ୟାଗ୍ରନ୍ଥିକୁ ଛିନ୍ନ କରିପାରନ୍ତି।

"ଆତ୍ମନା ବିନ୍ଦତେ ବୀର୍ଯ୍ୟଂ
ବିଦ୍ୟୟା ବିନ୍ଦତେଽମୃତମ୍ ।"

(କେନୋପନିଷଦ୍)

ଆତ୍ମା ଦ୍ୱାରା ବୀର୍ଯ୍ୟ ଲାଭ ଓ ବିଦ୍ୟା ଦ୍ୱାରା ଅମୃତ ଲାଭ କରାଯାଇପାରେ।

ବ୍ରହ୍ମବିଦ୍ୟା ସର୍ବବିଦ୍ୟା ପ୍ରତିଷ୍ଠା (ମୁଣ୍ଡକୋପନିଷଦ୍)
ଅଧ୍ୟାତ୍ମବିଦ୍ୟା ବିଦ୍ୟାନାମ୍ (ଗୀତା)

**Develop uniformity in thought, word and deed.**
*..... Swami Sivananda Saraswati*

ବ୍ରହ୍ମବିଦ୍ୟାରେ ସର୍ବବିଦ୍ୟା ପ୍ରତିଷ୍ଠିତ। ଅଧ୍ୟାତ୍ମବିଦ୍ୟା ହିଁ ଶ୍ରେଷ୍ଠ ବିଦ୍ୟା। ଅତଏବ ତାତ୍ପର୍ଯ୍ୟ ହେଉଛି

ବ୍ରହ୍ମବିଦ୍ୟା ସମାରାଧ୍ୟା
ଦର୍ଶନୀୟଃ ଶିବୋଭୁବି
ସତ୍‌କର୍ମ କରଣୀୟଂ ବୈ
ତ୍ୟାଜା ବୃ୍ଟି ଦାନବୀ
ଆତ୍ମଜ୍ଞାନଂ ମନୁଷ୍ୟାଣା
ମମୂଲ୍ୟଂ ପରମଂ ଧନଂ
ତଦ୍ ବିନା ଜୀବନଂ ବ୍ୟର୍ଥଂ
ଶାନ୍ତିପ୍ରଦଂ ତଦର୍ଜନମ୍

ବ୍ରହ୍ମବିଦ୍ୟା ସମର୍ଚ୍ଚନୀୟା। ସଂସାରରେ ଶିବଦର୍ଶନ କରଣୀୟ। ସତ୍‌କର୍ମାଚରଣ ଆବଶ୍ୟକ। ଦାନବିକତା ପରିତ୍ୟାଜ୍ୟା। ଆତ୍ମଜ୍ଞାନ ହେଉଛି ମନୁଷ୍ୟମାନଙ୍କର ଅମୂଲ୍ୟ ପରମ ଧନ। ତାର ଅଭାବରେ ଜୀବନ ବ୍ୟର୍ଥ ହୁଏ। ଆତ୍ମଜ୍ଞାନାର୍ଜନ ହେଉଛି ଶାନ୍ତିପ୍ରଦ।

ସନାତନ ଧର୍ମର ଲୀଳାସ୍ଥଳ ଭାରତବର୍ଷର ଅସ୍ଥିମଜ୍ଜାଗତ ସଂସ୍କୃତି ହେଉଛି ନିର୍ମଳ ଦିବ୍ୟଜୀବନର ପରିପ୍ରକାଶ। ଅମର ଶାନ୍ତିକାମୀ ମନୁଷ୍ୟ ପକ୍ଷରେ ବ୍ରହ୍ମଜ୍ଞ ଗୁରୁଙ୍କର ପଦାଶ୍ରୟ ଗ୍ରହଣୀୟ। ବ୍ରହ୍ମବିଦ୍ ଗୁରୁମାନଙ୍କ ମଧ୍ୟରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ଅନ୍ୟତମ।

ଅମୃତମୟ ସତ୍ୟ ଶିବ ସୁନ୍ଦର ପରାତ୍ପର ପରମେଶ୍ୱର ପରମାତ୍ମା ହିଁ ଚରାଚର ଜଗତର ଅଧୀଶ୍ୱର। ତଦୀୟ ସମୁପାସନା ସହକାରେ ସ୍ୱଧର୍ମକୁଶଳ ଆତ୍ମଜ୍ଞ ସ୍ୱାମୀ ଶିବାନନ୍ଦଜୀ ମହାରାଜ ପ୍ରକୃଷ୍ଟ ଜ୍ଞାନରାଶି ପ୍ରଦାନ କରିଯାଇଛନ୍ତି। ଅଧ୍ୟାତ୍ମବିଦ୍ୟାର ପ୍ରସାର, ପ୍ରଚାର ଓ ସଂରକ୍ଷଣ ସକାଶେ ବେଦୋପନିଷଦ୍ ଗୀତା, ରମାୟଣ, ମହାଭାରାତାଦି ଧର୍ମଶାସ୍ତ୍ରସମୂହର ସାରଜ୍ଞ ପରମପୂଜ୍ୟ ତପୋନିଷ୍ଠ ସନ୍ୟାସୀ ଅମର ଯଶସ୍ୱୀ ସ୍ୱାମୀ ମହୋଦୟ ଅବିଶ୍ରାନ୍ତଭାବରେ ଲେଖନୀ ଚାଳନକରି ଅନେକ ଅନବଦ୍ୟ ପୁସ୍ତକ ରଚନା ଦ୍ୱାରା ମାନବ ସମାଜର ଅଶେଷ କଲ୍ୟାଣ ସାଧନ କରିଛନ୍ତି । ତାଙ୍କର ସମସ୍ତ ଲେଖାରେ ହିତକର ବୈଦିକ ସତ୍ୟଜ୍ଞାନାମୃତ ସରଳ ସାବଲୀଳ ମଧୁରମନୋହର ବାଣୀ ମାଧମରେ ଅତି ସୁନ୍ଦର ଭାବରେ ପ୍ରକାଶିତ ହୋଇଛି। ତାଙ୍କର Universal Prayer ଏକ ଅନବଦ୍ୟ ରସମୟୀ କବିତା । ତାହା ପ୍ରତ୍ୟହ ପଠନୀୟ, ମନୋନୀୟ ତଥା ନିଦି-ଧ୍ୟାସନୀୟ ।

ଅମୃତ ସନ୍ତାନ ମାନବର ସଦ୍‌ଗତି ନିମନ୍ତେ ଅଧ୍ୟାତ୍ମଜ୍ଞାନ ନିତାନ୍ତ ଆବଶ୍ୟକ । ଉପଯୁକ୍ତ ଆତ୍ମଜ୍ଞାନର ଅଭାବ ହିଁ ସର୍ବବିଧ ଦୁଃଖ ଦୁର୍ଦ୍ଦଶା ଅନୀତି ଅତ୍ୟାଚାର, ପଶୁତ୍ୱ, ଦାନବତ୍ୱ, ବୈଧର୍ମ୍ୟ, ବୈଶମ୍ୟ, ହିଂସାଦ୍ୱେଷ

ପ୍ରଭୃତି ବ୍ୟାଧି ବୃଦ୍ଧିର କାରଣ । ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟ ଅନାତ୍ମ ବିଷୟ ସମୂହର ସାଦର ଅଭ୍ୟର୍ଥନାରେ ଲାଗିଥିବ ସେତେ ଦିନ ପର୍ଯ୍ୟନ୍ତ ସାମ୍ୟ, ମୈତ୍ରୀ, ଶାନ୍ତିର ସଂସ୍ଥାପନ ଅସମ୍ଭବ । ତେଣୁ ପ୍ରକୃଷ୍ଟ ସତ୍ୟନିଷ୍ଠ ସାମ୍ୟଦର୍ଶୀ ଅଦ୍ୱୈତ ବ୍ରହ୍ମସମୁପାସକ ଶିବ ସଦୃଶ ପ୍ରସନ୍ନମାନସ ସମୁଦାର ହୃଦୟ ନିର୍ମଳାତ୍ମା ସ୍ୱାମୀ ଶିବାନନ୍ଦଜୀ ମହାରାଜ ଅଜ୍ଞାନ ତିମିରାନ୍ଧ ମାନବର ଜ୍ଞାନ ଚକ୍ଷୁରୁନ୍ମୀଳନ ସକାଶେ ବରାବର ଆତ୍ମଜ୍ଞାନୋଦ୍ଦୀପକ ସଦୁପଦେଶ ନିଜର ତଦୀୟ ଲେଖା ମାନଙ୍କରେ ପ୍ରଦାନ କରିଯାଇଛନ୍ତି ।

Serenity Regularity
Absence of vanity
Sincerety Simplicity Veracity
Equanimity Fixity
Non irritability
Adaptability Humility Tenacity
Integrity Nobility Magnanimity
Charity Generosity Purity
Practise daily these eighteen 'ities'
you will soon attain immortality
Brahman is the only real Entity
Mr. so & so is a false non entity
You will abide in infinity and eternity
you will behold unity in diversity
You cannot attain this in the university.

ପ୍ରଭୃତି ତାଙ୍କର ବାଣୀଚୟ ମହନୀୟ ହିତକର ଜ୍ଞାନଦର୍ଶନର ପରାକାଷ୍ଠା ପ୍ରଦର୍ଶନ କରେ ।

ସ୍ୱସ୍ଥତା ପରମା ସଂପତ୍
ସ୍ୱସ୍ଥୋ ଭୁଙ୍କ୍ତେ ସୁଖଂ ପରଂ
ସ୍ୱାସ୍ଥ୍ୟହୀନୋ ବିଷର୍ଣ୍ଣାସ୍ୟୋ
ଦୁଃଖଭୋଗୀ ନିରନ୍ତରମ୍

ସ୍ୱାସ୍ଥ୍ୟ ହିଁ ଅମୂଲ୍ୟଧନ । ଅସୁସ୍ଥ କଦାପି ସୁଖୀ ହୋଇନ ପାରେ । ଶାରୀରିକ ମାନସିକ ବୌଦ୍ଧିକ ଓ ଆତ୍ମିକ ସୁସ୍ଥତା ଅମୃତସନ୍ତାନର ସର୍ବଦା ଆବଶ୍ୟକ । ଆତ୍ମାନନ୍ଦଜ୍ଞାତା ସ୍ୱାମୀ ଶିବାନନ୍ଦ ଜଣେ ଦକ୍ଷ ଚିକିତ୍ସକ । ସନ୍ୟାସୀ ହେବା ପୂର୍ବରୁ ଦଃସ୍ଥ ରୁଗ୍ଣମାନଙ୍କର ଚିକିତ୍ସାରେ ଅହରହ ନିଯୁକ୍ତ ଥାଇ ସେ ବହୁତ ଅର୍ଥ ଉପାର୍ଜନ କରୁଥିଲେ, କିନ୍ତୁ ତାଙ୍କର

**When the sun of wisdom rises, the fog melts and there is vision of God.**
*..... Swami Sivananda Saraswati*

ବ୍ରହ୍ମଜିଜ୍ଞାସା ଜାଗ୍ରତ ହେଲା । ନ ବି□ନ ତର୍ପଣୀୟୋ ମନୁଷ୍ୟଃ (କଠୋପନିଷଦ୍) ମଣିଷ ବି□ରେ ତୃପ୍ତ ହୋଇପାରେ ନାହିଁ ।

"ତପଃଶ୍ରଦ୍ଧେ ଯେ ହ୍ୟୁପବସନ୍ତ୍ୟରଣ୍ୟେ
ଶାନ୍ତାବିଦ୍ୱାଂସୋ ଭୈକ୍ଷ୍ୟଚର୍ଯ୍ୟାଂ ଚରନ୍ତଂ
ସୂର୍ଯ୍ୟଦ୍ୱାରେଣ ବିରଜାଃପ୍ରୟାନ୍ତି
ଯତ୍ରାମୃତଃ ସଃ ପୁରୁଷୋହ୍ୟବ୍ୟୟାତ୍ମା" ।

(ମୁଣ୍ଡକୋପନିଷଦ୍)

ତପଃଶ୍ରଦ୍ଧା ସହିତ ଯେଉଁ ଶାନ୍ତ ବିଦ୍ୱାନ୍ ଗଣ ଭୈକ୍ଷ୍ୟଚର୍ଯ୍ୟା ପୂର୍ବକ ଅରଣ୍ୟରେ ବାସ କରନ୍ତି ସୂର୍ଯ୍ୟଦ୍ୱାରରେ ବିରଜ ନିର୍ମଳ ହୋଇ ସେମାନେ ସେଠାକୁ ଯାଇଥାନ୍ତି ଯେଉଁଠାରେ ଅମୃତମୟ ଅବ୍ୟୟାତ୍ମା ପୁରୁଷ ଅବସ୍ଥିତ । ଆବାଲ୍ୟବ୍ରହ୍ମଚାରୀ ସେ ସର୍ବରୋଗ ପ୍ରଶମନ ବୈଦ୍ୟନାରାୟଣ ଗୁରୁତମ ପୁରୁଷୋ□ମ ପରମାତ୍ମାଙ୍କ ଦର୍ଶନ ଲାଭ ନିମନ୍ତେ ବ୍ୟାକୁଳ ହୋଇ ଉଠିଲେ । ଐହିକ ଭୋଗୈଶ୍ୱର୍ଯ୍ୟ ତ୍ୟାଗପୂର୍ବକ ମୋକ୍ଷ ମାର୍ଗର ଅନୁସନ୍ଧାନରେ ଦେବତାତ୍ମା ହିମାଳୟର ଅଭିମୁଖରେ ଅଗ୍ରସର ହେଲେ ଓ ତପସ୍ୱୀ ଜୀବନ ଯାପନ କରିବାରେ ଲାଗିଲେ ।

ସତ୍ୟେନଲଭ୍ୟ ସ୍ତପସା ହ୍ୟେଷ ଆତ୍ମା
ସମ୍ୟଗ୍‌ଜ୍ଞାନେନ ବ୍ରହ୍ମଚର୍ଯ୍ୟେଣ ନିତ୍ୟମ୍
ଅନ୍ତଃଶରୀରେ ଜ୍ୟୋତିର୍ମୟେ ହିଶୁଭ୍ରୋ
ଯଂପଶ୍ୟନ୍ତି ଯତୟଃ କ୍ଷୀଣଦୋଷାଃ
ସତ୍ୟମେବ ଜୟତେ ନାନୃତମ୍
ସତ୍ୟେନ ପନ୍ଥା ବିତତୋ ଦେବୟାନଃ
ଯେନା କ୍ରମନ୍ତି ଋଷୟୋହ୍ୟାପ୍ତକାମା
ଯତ୍ର ତତ୍ ସତ୍ୟସ୍ୟ ପରମଂ ନିଧାନମ୍

(ମୁଣ୍ଡକୋ ପନିଷଦ୍)

ଯେଉଁ ଜ୍ୟୋତିର୍ମୟ ଶୁଭ୍ରଆତ୍ମା ଅନ୍ତଃଶରୀରରେ ବରାଜିତ ଓ ଯାହାଙ୍କୁ କ୍ଷୀଣଦୋଷ ଯତିଗଣ ଦେଖିପାରନ୍ତି, ସେହି ଆତ୍ମା ସତ୍ୟ ତପସ୍ୟା ସମ୍ୟଗ୍‌ଜ୍ଞାନ ଓ ନିତ୍ୟ ବ୍ରହ୍ମଚର୍ଯ୍ୟ ଦ୍ୱାରା ଲଭ୍ୟ ବା ପ୍ରାପଣୀୟ । ସତ୍ୟ ହିଁ ଜୟଯୁକ୍ତ ହୋଇଥାଏ । ଅସତ୍ୟ ଜୟୀ ହୋଇପାରେ ନାହିଁ । ଦେବୟାନମାର୍ଗ ସତ୍ୟରେ ବିତତ (ବ୍ୟାପ୍ତ) । ସେହି ପଥରେ

**Great events arise out of small beginnings.**

*..... Swami Sivananda Saraswati*

ଆପ୍ତକାମ ଋଷିମାନେ, ଯେଉଁଠାରେ ସତ୍ୟର ପରମନିଧାନ ରହିଛି, ସେଠାରେ ପ୍ରବେଶ କରନ୍ତି- ଏହି ବୈଦିକ ସତ୍ୟର ସମୁପଲବ୍ଧି ସକାଶେ ହିମାଳୟରେ ଅମୃତମୟୀ ଗଙ୍ଗାକୂଳରେ ବାସ ପୂର୍ବକ ଯଥାବିଧି ବ୍ରହ୍ମଚାରୀ ମହୋଦୟ ତପସ୍ୟାରେ ରତ ହେଲେ ଓ ଗୁରୁ କୃପାରେ ତପଃସିଦ୍ଧି ଯୋଗୀରେ ପରିଣତ ହେଲେ । ଦିବ୍ୟଜୀବନ ସଂଘ ପ୍ରତିଷ୍ଠା ପୂର୍ବକ ଦିବ୍ୟଜ୍ଞାନାମୃତ ବର୍ଷଣ କରିବାରେ ରତହୋଇ ଜୀବସେବା ମାଧ୍ୟମରେ ଶିବସେବା କରିବାରେ ଅମର ଦିବ୍ୟାନନ୍ଦ ଲାଭକଲେ । ଭଜନ, କୀ□ନ, ଧ୍ୟାନ, ଧାରଣା, ସମାଧି ଆଦି ନିତ୍ୟ ନୈମି□କ ଧର୍ମାଚରଣରେ ଅଭିନିବିଷ୍ଟଚି□ରେ ସଦା ସର୍ବଦା ସର୍ବଭୂତାନ୍ତରାତ୍ମା ପରାତ୍ପର ପରମାତ୍ମା ପରମେଶ୍ୱରଙ୍କ ସମୁପାସନା କରିବାକୁ ଲାଗିଲେ । ତାଙ୍କ ମତରେ-

> The end of wisdom is freedom.
> The end of culture is perfection.
> The end of education is character.
> The end of knowledge is love.
> That eye alone is the real eye which sees
> god in everything.

ପ୍ରଜ୍ଞାରଅନ୍ତ ହେଉଛି ସ୍ୱତନ୍ତ୍ରତା । ସଂସ୍କୃତିର ଅନ୍ତ ହେଉଛି ପୂର୍ଣ୍ଣତା । ଶିକ୍ଷାର ଅନ୍ତ ହେଉଛି ସୁଶୀଳତା । ଜ୍ଞାନର ଅନ୍ତ ହେଉଛି ପ୍ରେମ । ସେହି ଚକ୍ଷୁ, ହେଉଛି ପ୍ରକୃତ ଚକ୍ଷୁ, ଯାହା ସବୁଦ୍ରବ୍ୟରେ ଈଶ୍ୱରଙ୍କୁ ଦେଖେ ।

The Divine Life ରେ ପ୍ରତିମାସରେ ପ୍ରକାଶିତ ତାଙ୍କର ଅମୃତୋପମ ଉପଦେଶାବଳୀ ପଠନୀୟ ମନନୀୟ ଓ ପାଳନୀୟ ।

ଅୟମାତ୍ମା ବ୍ରହ୍ମ, ସୋଽହଂ, ତ□ମସି- ଏହି ଅଦ୍ୱୈତ, ବେଦାନ୍ତ ଦର୍ଶନର ଜୀବନ୍ତ ନିଦର୍ଶନ ସ୍ୱରୂପ ଜୀବନର ଶେଷ ପର୍ଯ୍ୟନ୍ତ କାଳାତିପାତକରି ବ୍ରହ୍ମଜ୍ଞ ସ୍ୱାମୀ ଶିବାନନ୍ଦ ବ୍ରହ୍ମଲୀନ ହୋଇ ଯାଇଛନ୍ତି । ମୃତ୍ୟୁଞ୍ଜୟ ସେ ଅମରାତ୍ମା ସତ୍ୟ, ଜ୍ଞାନ, ଅନନ୍ତବ୍ରହ୍ମର ଏକ ମଧୁମୟ ଦିବ୍ୟ ପରିପ୍ରକାଶ ।

ସର୍ବତ୍ର ଈଶ୍ୱରଙ୍କୁ ଦର୍ଶନ କରୁଥିବା ଯୋଗୀ ଜ୍ଞାନୀଙ୍କ ପକ୍ଷରେ ଜୀବସେବା ହେଉଛି ପରମଧର୍ମ ଓ ତାହା ହିଁ ପ୍ରକୃଷ୍ଟ ଶିବସେବା । ତଦୀୟ ବାଣୀରେ-

Service of the poor, service of thesick- there is no Yagna greater than this. It will purify your heart. It will lead to the descent of divine light in your heart. You should serve the destitutes with Atmabhava. In such service lies your salvation. Even brothers quarrel among themselves; but no one hates himself. Every one loves himself. The ideal should be to love, the sick, the suffering humanity, the destitutes with the same love that one has for one's own self. Ever hold the truth before you through out the entire creation runs the very essence which

**Begin each day as if it is the beginning of a new life.**

*..... Swami Sivananda Saraswati*

dwells in you your ownself. Then alone real selfless service is possible etc.

ଏହି ସର୍ବଜନହିତକର ସଦୁପଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରାଯାଉଛି । The Divine Life Society Head quarters ରେ ସ୍ଥିତ Sivananda Home ରେ ଅନ୍ତରେ ବାହାରେ ସର୍ବତ୍ର ଈଶ୍ୱର ଦର୍ଶନ ହିଁ ତଦୀୟ ଜୀବନ ଦର୍ଶନ-

ଆତ୍ମଜ୍ଞାନୀ ଭବ ଶୀମନ୍ ।
ମାଽଽତ୍ମଘାତୀ କଦାଚନ ॥
ସେବା ତ୍ୟାଗପରସ୍ତିଷ୍ଠ ।
ଧର୍ମୋ ହ୍ୟେଷଃ ସନାତନଃ ॥

ହେ ଶ୍ରୀମନ୍ ଆତ୍ମଜ୍ଞାନୀ ହୁଅ । କଦାପି ଆତ୍ମଘାତୀ ହୁଅ ନାହିଁ । ସେବା, ତ୍ୟାଗ, ପରାୟଣ ଜୀବନ ଯାପନ କର । ଏହାହିଁ ହେଉଛି ଶ୍ରେଷ୍ଠ ସନାତନ ଧର୍ମ । ଏହି ମହନୀୟ ଆଦର୍ଶ ଶିକ୍ଷା ପ୍ରଦାନ କରେ ଶିବାନନ୍ଦ ଦର୍ଶନ -

ଶିବାନନ୍ଦଂ ସ୍ମରାମ୍ୟହଂ ।
ଶିବାନନ୍ଦଂ ନମାମି ॥
ଶିବାନନ୍ଦ ଗୁଣାନ୍ ଗାୟନ୍ ।
ହୃଷ୍ଟଚି□ା ଭବାମି ॥

'ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ'

ଡକ୍ଟର ଗଙ୍ଗାଧର ଗୁରୁ
ପଦ୍ମପୁର, ରାଜ ବୋଡ଼ାମ୍ବର, ଜି: ବରଗଡ଼ଙ୍କ

**SMOKE NOT**

Drink not, smoke not, Gamble not,
Eat not meat and fish,
Abuse not, vilify not,
Injure not, Speak not falsehood,
Waste no time in idle gossiping,
Do Japa, do Kirtan, meditate.
This is verily life divine.

***..... Swami Sivananda Saraswati***

**OMKARA BRAHMAN**

*Omityekaksharam Brahma*
*Vyaharan mam-ansumaran,*
*Yah prayati tyajan deham*
*Sa yati paramam gatim.*

OM- repeating this mono-syllabled Brahman and thinking of Me, he who leaves forsaking this body, he attains the highest state.

***..... Swami Sivananda Saraswati***

## ଶୁଭ ଗୀତି

ଆଜି ଶୁଭ ସୋମବାର    ମାଘଶୁକ୍ଳ ପ□ମୀର
ଫେବୃଆରୀ ମାସର ତାରିଖ ଏଗାର।
ଶିବାନନ୍ଦାଶ୍ରମ ଗୃହ    ଉଦ୍‌ଘାଟନ ସମାରୋହ
ବରଗଡ଼ସ୍ଥିତ ଚିଦାନନ୍ଦ ବିହାର,
ସରବେ ଆନନ୍ଦ ମନରେ
ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ନିଜ ଇଚ୍ଛାରେ ।୧।

ବିଶ୍ୱଗୁରୁ ଶିବାନନ୍ଦ    ଦିବ୍ୟଦ୍ରଷ୍ଟା ଚିଦାନନ୍ଦ
ପୃଥିବୀରେ ଗଣ୍ୟ ପୂଜ୍ୟ ମହାତ୍ମାନାମେ
ତାଙ୍କରି ଉପଦେଶରେ    ନରନାରୀ ପୃଥିବୀରେ
ସାଧନା, ପ୍ରାଣାୟାମ ଓ ତପ ମାଧ୍ୟମେ,
କରୁଛନ୍ତି ନିଜକୁ ବ୍ରତୀ
ଫଳରେ ଲାଭ କରନ୍ତି ପରମଗତି ।୨।

ସ୍ୱାମୀ ଶ୍ରୀ ନିର୍ଲିପ୍ତାନନ୍ଦ    ସ୍ୱାମୀ ଗୁରୁ ସେବାନନ୍ଦ
ମୁଖ୍ୟରୂପେ ଅଳଂକୃତ କରି ଆସନ
ସ୍ୱାମୀ ଶିବ ଚିଦାନନ୍ଦ    ପ୍ରଫେସର ହୃଦାନନ୍ଦ
ଅମୃତାନନ୍ଦ, ଜିଜ୍ଞାସାନନ୍ଦ ସଙ୍ଗେଣ
ଆମରି ଭବ୍ୟ ଅନୁରୋଧରେ
ଆସି ମିଳିତ ଏହି ସମାରୋହରେ ।୩।

ସଭାପତି ଓ ସଦସ୍ୟ    ସରବେ ନେଇ ନିଜସ୍ୱ
ମିଳିତ ହୋଇ କରନ୍ତି ଏ ଆୟୋଜନ
ସହରର ଦାନୀ ବ୍ୟକ୍ତି    ସ୍ୱଇଚ୍ଛାରେ ଯଥାଶକ୍ତି
ଦାନଦ୍ୱାରା ଆଶ୍ରମ ଗୃହନିର୍ମାଣ

**The Supreme Reality or Brahman is not merely an intellectual quest, but a spiritual conquest.**
*..... Swami Sivananda Saraswati*

ସାଂସଦ, ବିଧାୟକ ଦାନ
ଫଳେ ଗଢ଼ି ଉଠିଲା କୀ□ ମହାନ ।୪।
ଭଲହୋଇ ଭଲକାମ ସେବା, ଦାନ, ଶୁଦ୍ଧ, ପ୍ରେମ
ତପମାଧ୍ୟମରେ ମୁକ୍ତି କରିସାଧନ
କ୍ଷୁଧା□କୁ ଅନ୍ନଦାନ ପୁଙ୍ଗୁଳାକୁ ବସ୍ତ୍ରଦାନ,
କ୍ଲିଷ୍ଟବ୍ୟକ୍ତିକୁ ସାହାଯ୍ୟ କରି ପ୍ରଦାନ
ଦିବ୍ୟଜୀବନ ଦର୍ଶନ
ପାଳନ କରି ନିଜକୁ କରନ୍ତି ଧନ୍ୟ ।୫।

ସତ୍‌ମାର୍ଗରେ ଚଳିଲେ ସତ୍‌ଫଳ ଅବଶ୍ୟ ମିଳେ
ଏଥିରେ ସଂଶୟ ତିଳେବି ନାହିଁ
ରଖ ନିଷ୍ଠାପର ଭକତି
ଗୁରୁ ଗୋବିନ୍ଦ କୃପାରେ ଲଭ ସଦ୍‌ଗତି ।୬।

.

- - ମୋକ୍ଷ ମାର୍ଗରେ ଯାଇ ଲଭ ମୁକତି
ହରିଓଁ ହରିଓଁ ମୁଖେ ଉଚ୍ଚାରିନିତି - -

(ଶ୍ରୀ ସ୍ୱାମୀ ଶିବାନନ୍ଦ ଆଶ୍ରମ ପ୍ରତିଷ୍ଠା ଅବସରରେ
ଦିବ୍ୟଜୀବନ ସଂଘ ବରଗଡ ଶାଖାର ମହିଳା ସଦସ୍ୟମାନଙ୍କ ଦ୍ୱାରା ପସ୍ତୁତ)

**REMEMBER GOD ALWAYS**

Remember God at all times.
Guru is necessary to show you the path to Freedom.
Purity of food leads to purity of mind.
Do always virtuous actions.
Give up evil company.
Have Satsanga with saints.

***..... Swami Sivananda Saraswati***

**SING HIS GLORY**

O man,
Turn your mind towards God;
Repeat His Names,
*Sri Ram, Hari Om*
Sing His glory,
Meditate.
Anxieties will come to an end-
You will be ever blissful.

***..... Swami Sivananda Saraswati***

# ସାଧକ ଜୀବନର ତିନୋଟି ସ୍ମରଣୀୟ ବିଷୟ

୧. ତିନି ପ୍ରକାର ଲୋକଙ୍କ ଠାରୁ ଦୂରରେ ରହ:-
(୧) ନାସ୍ତିକ (୨) ପିତା-ମାତା-ଗୁରୁଦ୍ରୋହୀ (୩) ସାଧୁସନ୍ଥଙ୍କ ନିନ୍ଦୁକ

୨. ତିନି ଜଣଙ୍କୁ ଘୃଣା କର ନାହିଁ:-
(୧) ରୋଗୀଙ୍କୁ (୨) ଆ□କୁ (୩) ନୀଚ ଜାତିକୁ

୩. ତିନି ପ୍ରକାର ହୁଅ ନାହିଁ:-
(୧) କୃତଘ୍ନ (୨) ଦାମ୍ଭିକ (୩) ନାସ୍ତିକ

୪. ତିନୋଟି ସ୍ଥାନକୁ ଯାଅ ନାହିଁ:-
(୧) ବେଶ୍ୟାଳୟ (୨) ଦ୍ୟୁତକ୍ରୀଡ଼ା ସ୍ଥାନ (୩) ମଦ୍ୟ ଆଦି ନିଶାଦ୍ରବ୍ୟ ବିକ୍ରୟସ୍ଥାନ

୫. ତିନି ନର୍କର ଦ୍ୱାରକୁ ପଶ ନାହିଁ:-
(୧) କାମ (୨) କ୍ରୋଧ (୩) ଲୋଭ

୬. ତିନୋଟି କଥାରୁ ସଦା ନିଜକୁ ରକ୍ଷା କର:-
(୧) ଆତ୍ମ ପ୍ରଶଂସାରୁ (୨) ପରନିନ୍ଦାରୁ (୩) ପରଦୋଷ ଦର୍ଶନରୁ

୭. ତିନି ଜଣଙ୍କୁ ବ୍ୟଙ୍ଗ ବିଦ୍ରୁପ କର ନାହିଁ:-
(୧) ବିକଳାଙ୍ଗ ବ୍ୟକ୍ତିକୁ (୨) ବିଧବା ବା ଅନାଥକୁ (୩) ଦୀନଦୁଃଖୀ ପ୍ରାଣୀକୁ

୮. ତିନୋଟି ଉପରେ ଆସ୍ଥା ରଖ ନାହିଁ:-
(୧) କୂଟନୀତି ଉପରେ (୨) ଅସତ୍ୟ ଉପରେ (୩) ଦୁରାଚାର ଉପରେ

୯. ତିନୋଟିକୁ ହୃଦୟରୁ ବାହାର କରିଦିଅ:-
(୧) ରାଗକୁ (୨) ଦ୍ୱେଷକୁ (୩) ମତ୍ସରକୁ

୧୦. ତିନି ଜଣଙ୍କୁ ଗୁରୁ କର ନାହିଁ:-
(୧) ସ୍ତ୍ରୀ ସେବୀକୁ (୨) ଧନ ଲୋଭୀକୁ (୩) ଦାମ୍ଭିକକୁ

୧୧. ତିନୋଟି ବିଷୟର ଚିନ୍ତନ କର ନାହିଁ:-
(୧) ନାରୀ ବା ପୁରୁଷର (୨) ଧନର (୩) ପଦ ମର୍ଯ୍ୟାଦାର

୧୨. ତିନୋଟି କଥାକୁ ଦେଖ ନାହିଁ:-
(୧) ନିଜ ଗୁଣକୁ (୨) ଅନ୍ୟର ଦୋଷକୁ (୩) ପ୍ରାଣୀମାନଙ୍କ ରତିକ୍ରୀଡ଼ାକୁ

୧୩. ତିନୋଟି ପ୍ରତି ଦୟା କର ନାହିଁ:-
(୧) ନିଜ ପାପ ପ୍ରତି (୨) ନିଜ ଆଳସ୍ୟ ପ୍ରତି (୩) ନିଜ ଉଚ୍ଛୃଙ୍ଖଳତା ପ୍ରତି

୧୪. ତିନି ଜଣଙ୍କ ସମ୍ମୁଖରେ ନମ୍ର ହୁଅ:-
(୧) ଗୁରୁଜନଙ୍କ (୨) ବିଦ୍ୱାନଙ୍କ (୩) ରାଜପୁରୁଷଙ୍କ

୧୫. ତିନୋଟି ବିଷୟରୁ ଦୂରରେ ରହ:-
(୧) ପରଚର୍ଚ୍ଚା (୨) ବାଦବିବାଦ (୩) ନେତାଗିରୀ

୧୬. ତିନୋଟି କଥାରେ ସନ୍ଦେହ କର ନାହିଁ:-
(୧) ଶାସ୍ତ୍ର ବଚନରେ (୨) ଗୁରୁ ତଥା ସାଧୁସନ୍ଥଙ୍କ ବଚନରେ (୩) ଶୁଦ୍ଧ ମନର ପ୍ରେରଣାରେ

୧୭. ତିନିଦିନ ଉପବାସ କରିବା ଉଚିତ:-
(୧) ଏକାଦଶୀ (୨) ପୂର୍ଣ୍ଣିମା (୩) ଅମାବାସ୍ୟା

୧୮. ତିନୋଟି କଥାକୁ ଭୁଲିଯାଅ:-
(୧) ନିଜଦ୍ୱାରା ଅନ୍ୟ ପ୍ରତି କରାଯାଇଥିବା ଉପକାର (୨) ଅନ୍ୟଦ୍ୱାରା ନିଜପ୍ରତି କରାଯାଇଥିବା ଅପକାର (୩) ଧନ-ମାନ-ପଦ-ମର୍ଯ୍ୟାଦା ଯୋଗୁଁ ହୋଇଥିବା ନିଜର ଉଚ୍ଚ ସ୍ଥିତିକୁ

୧୯. ତିନି ଜଣଙ୍କ ସଙ୍ଗ ତ୍ୟାଗ କର :-
(୧) ବ୍ୟଭିଚାରୀର (୨) ଜୁଆଡ଼ୀର (୩) ମିଥ୍ୟାବାଦୀର

୨୦. ତିନି ଜଣଙ୍କୁ ବାଧା ଦିଅନାହିଁ:-
(୧) ଦାତାକୁ (୨) ଅନ୍ୟର ସେବା ବା ପରୋପକାର କରୁଥିବା ବ୍ୟକ୍ତିଙ୍କୁ (୩) ଭଗବତ୍ କାର୍ଯ୍ୟ କରୁଥିବା ବ୍ୟକ୍ତିକୁ

୨୧. ତିନୋଟିର ଅଧୀନରେ ଥିବାବେଳେ କୌଣସି କାର୍ଯ୍ୟ କରିବା ବନ୍ଦ କର:-
(୧) କ୍ରୋଧର ସମୟରେ (୨) କାମବାସନା ଥିବା ସମୟରେ (୩) ଲୋଭାଭିଭୂତ ହେବା ସମୟରେ

୨୨. ତିନୋଟି ବିଷୟ ପ୍ରତି ଦୁରାଗ୍ରହ କର ନାହିଁ:-
(୧) ସମ୍ପ୍ରଦାୟର (୨) ଦେଶର (୩) ନିଜ ମତର

୨୩. କଳିଯୁଗର ତିନୋଟି ଶ୍ରେଷ୍ଠ ସାଧନ:-
(୧) ହରିନାମ ସଂକୀର୍ତ୍ତନ (୨) ସତ୍ସଙ୍ଗ (୩) ଜୀବପ୍ରତି ଦୟା ବା ସେବା

- ଓଁ -

--------------


This e-megazine is available at
www.navratnanews.com
for details contact
Surendra Hota
Director
surendrahota@gmail.com
Mob-09437110250
Courtsy :Divine Life society
Bargarh Branch